Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:329✦29 March 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୨୯✦୨୯ ମାର୍ଚ୍ଚ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି :

ଆମେରିକୀୟ ଜାହାଜ ଉପରେ ଇରାନର ଆକ୍ରମଣ

ତେହେରାନ,୨୮/୩: ମଧ୍ୟ ପ୍ରାଚ୍ୟରେ ଜାରି ଉତ୍ତେଜନା ମଧ୍ୟରେ ଇରାନର ସେନା ପୁଣି ଥରେ ଆମେରିକୀୟ ଜାହାଜକୁ କରିଛନ୍ତି ଟାର୍ଗେଟ୍ । ଏହି ଜାହାଜ ଆମେରିକୀୟ ସେନାକୁ ଲଜିଷ୍ଟିକ୍ ଉପଲବ୍ଧ କରାଇବାରେ ସାହାଯ୍ୟ କରୁଥିଲା । ଇରାନୀ ସେନା ଶନିବାର କହିଛି ଯେ, ସେ ଓମାନକୁ ସଲାଲାହ ବନ୍ଦର ନିକଟରେ ଏକ ଆମେରିକୀୟ ଲଜିଷ୍ଟିକ୍ସ ଜାହାଜ ଉପରେ ଆକ୍ରମଣ କରିଥିଲା । ଇରାନର କେନ୍ଦ୍ରୀୟ ସାମରିକ କମାଣ୍ଡର ମୁଖପାତ୍ର ଇବ୍ରାହିମ୍ ଜୋଲ୍ଫାଗରି ସରକାରୀ ଟିଭିରେ ଜାରି ଏକ ବିବୃତ୍ତିରେ କହିଛନ୍ତି , ଆକ୍ରମଣାତ୍ମକ ଆମେରିକୀୟ ସେନାକୁ ସହାୟତା ପହଞ୍ଚାଉ ଥିବା ଏକ ଲଜିଷ୍ଟିକ୍ ଜାହାଜକୁ, ଓମାନର ସଲାଲାହ ବନ୍ଦର ଠାରୁ ଖୁବ୍ ଦୂରରେ, ଇସଲାମିକ ରିପବ୍ଲିକ ଅଫ୍ ଇରାନର ସଶସ୍ତ୍ର ସେନା ଦ୍ୱାରା ଟାର୍ଗେଟ୍ କରାଯାଇଛି । ଏହା ପୂର୍ବରୁ, ଇରାନୀ ମିଡ଼ିଆ ଶନିବାର କହିଥିଲା ଯେ, ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଅନେକ ଆବାସିକ ଅଂଚଳ ଟାର୍ଗେଟ୍‌କୁ ଆସି ଥିଲା, ଯେଉଁଥିରେ ରାତି ଭିତରେ ଡର୍ଜନରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଫାର୍ସ ନ୍ୟୁଜ୍ ଏଜେନ୍ସି ପ୍ରାନ୍ତର ଅଧିକାରୀ ଘୋଡରାତୋଲ୍ଲାହ ବଲାଦୀଙ୍କ ଅନୁସାରେ କହିଛି ଯେ, ପଶ୍ଚିମୀ ପ୍ରାନ୍ତ ଲୋରେସ୍ତାନର ସହର ବୋରୁଜେର୍ଦର ରିହାୟଶି ଅଂଚଳରେ ହୋଇଥିବା ଆକ୍ରମଣରେ ୭ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଆଉ ୩୬ ଜଣ ଆହତ ହୋଇଛନ୍ତି । ଆଇଏସଏନଏ ସହରର ରାଜନୀତିକ ଉପ-ଗଭର୍ଣ୍ଣର ଅଲି ସାଦେଘିଙ୍କ ଅନୁସାରେ କହିଛି ଯେ, ଶନିବାର ଉତ୍ତର-ପଶ୍ଚିମୀ ସହର ଜଞ୍ଜନରେ ମଧ୍ୟ ଏହିପରି ଆକ୍ରମଣ ହୋଇଛି , ଯେଉଁଥିରେ ଅତି କମ୍ରେ ୫ ଜଣ ଲୋକଙ୍କ ଜୀବନ ଯାଇଛି ଏବଂ ଆଉ ସାତ ଜଣ ଆହତ ହୋଇଛନ୍ତି । ଇସ୍ରାଏଲ ଓ ଆମେରିକା ୨୮ ଫେବ୍ରୁଆରୀରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଥିଲେ, ଯେଉଁଥିରେ ଇସଲାମିକ ଗଣରାଜ୍ୟର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ହୋଇଥିଲା ଏବଂ ଏକ ଏମିତି ଯୁଦ୍ଧର ସୂତ୍ରପାତ ହୋଇଥିଲା, ଯାହାକି ପୂରା ମଧ୍ୟ ପୂର୍ବରେ ବ୍ୟାପି ସାରିଛି । ଇରାନ ଏବେ ସୁଦ୍ଧା ମୃତ୍ୟୁର ମୋଟ ତଥ୍ୟ ଜାରି କରି ନାହିଁ ।ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅନୁସାରେ , ୮ ମାର୍ଚ୍ଚରେ ଜାରି କରାଯାଇ ଥିବା ନବୀନତମ ତଥ୍ୟରେ ୧,୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି, ଯାହାର ସ୍ୱତନ୍ତ୍ର ରୂପେ ସ୍ପଷ୍ଟ କରାଯାଇ ପାରି ନାହିଁ । ସ୍ଥାନୀୟ ମିଡ଼ିଆ ରିପୋର୍ଟ ଅନୁସାରେ ,ରାତି ସାରା ଇରାନୀ ରାଜଧାନୀରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି । ସହରର ଉତ୍ତର-ପୂର୍ବ ଭାଗରେ ଥିବା ଇରାନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲଜି ଉପରେ ହୋଇଥିବା ଆକ୍ରମଣରେ ବିଲ୍ଡିଂର କ୍ଷତି ହୋଇଛି, କିନ୍ତୁ କୌଣସି ମୃତାହତ ହୋଇ ନାହିଁ । ଏହା ତତ୍କାଳ ସ୍ପଷ୍ଟ ହୋଇ ପାରି ନାହିଁ ଯେ, ରାତି ସାରା ହୋଇଥିବା ଆକ୍ରମଣରେ ଅନ୍ୟ ସ୍ଥାନ ଗୁଡ଼ିକୁ ମଧ୍ୟ ଟାର୍ଗେଟ୍ କରାଯାଇ ଥିଲା ନା ନାହିଁ ।

ଏପ୍ରିଲ ୮ରୁ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି

ସୂଚନା ଦେଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୮/୩ (ନି/ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତିକୁ ନେଇ ବଡ଼ ଅପଡେଟ୍ । ଏପ୍ରିଲ୍ ୮, ୯ ଏବଂ ୧୦ ତାରିଖରେ ହେବ ବାହାର ରତ୍ନଭଣ୍ଡାର ଗଣତି । ଏ ସମୟରେ ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନୀତିକାନ୍ତି ବାଧାପ୍ରାପ୍ତ ନହେବା ତାହା ଉପରେ ଗୁରୁତ୍ୱ ଦିଆଯିବ । ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସୂଚନା । ସେ କହିଛନ୍ତି ଯେ, ବୁଧବାର ଅର୍ଥାତ ୨୫ ତାରିଖରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଗଣତି ସୁରୁଖୁରରେ ସରିଥିବା ବେଳେ ଏବେ ୨ୟ ପର୍ଯ୍ୟାୟ ଗଣତି ମଣତି ହେବ । ଏପ୍ରିଲ ମାସରେ ତିନି ଦିନ ଧରି ବାହାର ରତ୍ନଭଣ୍ଡାରରେ ଗଣତି ମଣତି କରାଯିବ । ସେଥିପାଇଁ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି । ଯଥାକ୍ରମେ ଏପ୍ରିଲ ମାସର ୮, ୯ ଏବଂ ୧୦ ତାରିଖକୁ ଚୟନ କରାଯାଇଛି । ଏହି ଗଣତି ମଣତି ଦିନ ଯେପରି ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନୀତିକାନ୍ତି କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ ନହେବ, ସେନେଇ ଆଲୋଚନା ସରିଛି । ସମସ୍ତ ପ୍ରକାରର ପ୍ରସ୍ତୁତି ମଧ୍ୟ ଚାଲିଛି । ସମସ୍ତ ପ୍ରସ୍ତୁତି ପରେ ଭିତର ରତ୍ନଭଣ୍ଡାର ଗଣତି ମଣତି ହେବ । ଆଶା କରାଯାଉଛି ସବୁ କାମ ଠିକଣା ସମୟରେ ସରିଯିବ । ସେହିପରି ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥର ରଥଯାତ୍ରାକୁ ସୁରୁଖୁରରେ କରିବାକୁ ୬ ମାସ ଆଗରୁ ପ୍ରସ୍ତୁତି ବୈଠକ ବସିଛି । ଏହାରି ଭିତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସିଛି । ବଡ଼ଦାଣ୍ଡକୁ ଯେପରି ଅଧିକ ଗାଡ଼ି ପ୍ରବେଶ ନକରିବ, ତା ଉପରେ ଗୁରୁତ୍ୱ ଦିଆଯାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ଭାରତର ସ୍ଥଳ ସେନା ମୁଖ୍ୟ

ପୁରୀ,୨୮/୩(ନି/ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ଭାରତର ସ୍ଥଳ ସେନା ମୁଖ୍ୟ । ଭାରତୀୟ ସେନା କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ସକାଳୁ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି । ସପରିବାର ସହ ସେନା ମୁଖ୍ୟ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସପି ପ୍ରତୀକ ସିଂ ତାଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରେ ଦର୍ଶନ କରିବା ପରେ ମା ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ । ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ସ୍ଥଳ ସେନା ମୁଖ୍ୟ ।

ଏପ୍ରିଲ ପହିଲାରୁ ସୁଭଦ୍ରା ପାଇଁ ନୂଆ ପଞ୍ଜୀକରଣ

ଭୁବନେଶ୍ୱର,୨୮/୩(ନି/ପ୍ର) : ରାଜ୍ୟର ନୂତନ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଆଗାମୀ ଏପ୍ରିଲ ୧ ତାରିଖରୁ ଏଥିନେଇ ଆବେଦନ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି ଶ୍ରୀମତୀ ପରିଡ଼ା । ସୁଭଦ୍ରା ଯୋଜନାରେ ନୂତନ ଆବେଦନ ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତି ନେଇଛନ୍ତି । ଯୋଜନାରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଯେଉଁ ମହିଳାମାନେ ଏବେ ୨୧ ବର୍ଷରେ ପହଚିଁଛନ୍ତି ବିଶେଷକରି ସେମାନଙ୍କ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବଡ଼ ଘୋଷଣା କରିଛନ୍ତି । ସେମାନେ ଆସନ୍ତା ଏପ୍ରିଲ ୧ରୁ ଆବେଦନ କରିପାରିବେ । ଏଥିପାଇଁ ଏପ୍ରିଲ ୩୦ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ଅର୍ଥାତ ନୂଆ ଆବେଦନକାରୀ ପ୍ରାୟ ଏକ ମାସ ପାଇଁ ଆବେଦନ କ୍ରି ପାରିବେ ।

ଦଶପଲ୍ଲା ଟୁରିଷ୍ଟ ବସ୍ ଦୁର୍ଘଟଣା

୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮/୩(ନି/ପ୍ର): ନୟାଗଡ଼ ଦଶପଲ୍ଲା ତହସିଲ ଅନ୍ତର୍ଗତ କୁଟିବାରି ଘାଟି ନିକଟରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ସୂଚନାନୁଯାୟୀ ଦଶପଲ୍ଲାରେ ଶନିବାର ସକାଳେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଟାକେରା ନିକଟ ହନୁମାନଘାଟି ବୁଲାଣି ରାସ୍ତାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫ ଜଣଙ୍କ ଜୀବନ ଚାଲି ଯାଇଥିବା ବେଳେ ପ୍ରାୟ ୪୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଭାରସାମ୍ୟ ହରାଇ ପଥର ସହ ପିଟି ହୋଇ ଟୁରିଷ୍ଟ ବସଟି ଓଲଟି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଗାଡି ଚାଳକଙ୍କ ସହ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି ।ମୃତକ ହେଲେ ସୁପ୍ରଭା ସାହୁ (ସ୍ୱାମୀ – ନାରାୟଣ ସାହୁ), ସୁମତି ସାହୁ (ପିତା -ନାରାୟଣ ସାହୁ), ପ୍ରବୀଣ କୁମାର ସାହୁ, ଏଲ. ହରି ପାତ୍ର, ଏଲ. ଲକ୍ଷ୍ମୀ ପାତ୍ର । ବସଟିରେ ଯାତ୍ରୀ ବଲାଙ୍ଗୀର ହରିଶଙ୍କର ବୁଲି ଯିବା ବେଳେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବସରେ ପ୍ରାୟ ୫୦ରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ ।

ସ୍ଥଳଯୁଦ୍ଧ ପାଇଁ ଆମେରିକାର ବିଶାଳ ପ୍ରସ୍ତୁତି :

ପ୍ରାୟ ୭୦୦୦ ସୈନିକ ଇରାନ ପାଖାପାଖି ହେଲେଣି

ୱାସିଂଟନ,୨୮/୩: ଆମେରିକା ଓ ଇସ୍ରାଏଲ ସହିତ ଇରାନର ଯୁଦ୍ଧ ଆରମ୍ଭ ହେବାର ୨୮ ଦିନ ପୂର୍ଣ୍ଣ ହେବା ସହ ଯୁଦ୍ଧବିରତି ନେଇ କୂଟନୈତିକ ବିଫଳତା ଚିନ୍ତାର କାରଣ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଶକ୍ତି କ୍ଷେତ୍ର ଉପରେ ଆକ୍ରମଣକୁ ଏପ୍ରିଲ ୬ ପର୍ଯ୍ୟନ୍ତ ସ୍ଥଗିତ ରଖିବା ସତ୍ତ୍ୱେ ବିଶ୍ୱର ବିଭିନ୍ନ ଦେଶ ଓ ଅନ୍ତର୍ଜାତୀୟ ସଂସ୍ଥା ଯୁଦ୍ଧ ଲମ୍ବା ହେବାର ସମ୍ଭାବନା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ତେବେ ଆକ୍ରମଣ ପାଇଁ ସମୟସୀମା ବଢ଼ାଇଥିବା ଟ୍ରମ୍ପଙ୍କ ଏପରି ବିଶାଳ ହୃଦୟ କେବଳ ଇରାନକୁ ଆଶ୍ଚର୍ଯ୍ୟ କରିନାହିଁ, ବରଂ ତେହେରାନ ନିକଟରେ ହଜାର ହଜାର ଅତିରିକ୍ତ ସୈନ୍ୟ ଠୁଳ କରିବା ପାଇଁ ସମୟ ନେବାର ଏକ କୌଶଳ କି ନା ତାହା ସନ୍ଦେହ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଆସନ୍ତାକାଲି (ଶନିବାର) ହିଁ ଟ୍ରମ୍ପ ଭୀଷଣ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଅନେକ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି । ଆମେରିକା ଇରାନରେ ସ୍ଥଳଯୁଦ୍ଧ ଆରମ୍ଭ କରିବାର ଅଧିକ ସମ୍ଭାବନା ରହିଥିବାରୁ ଏହାର ମୁକାବିଲା ପାଇଁ ଇରାନ ପ୍ରସ୍ତୁତ ଥିବା ଘୋଷଣା କରିଛି । କୂଟନୀତି ପ୍ରତି ଟ୍ରମ୍ପଙ୍କ ହଠାତ୍ ହୃଦୟ ପରିବର୍ତ୍ତନ ଏକ ପରିବର୍ତ୍ତିତ ରଣନୀତିର ସଙ୍କେତ ଦେଉଛି । ୧୫-ସୂତ୍ରୀ ଦାବି ଗ୍ରହଣ କରିବାକୁ ଇରାନକୁ ବାଧ୍ୟ କରିବା ପାଇଁ ଆମେରିକା ସାମରିକ ଚାପକୁ ଏକ କୌଶଳ ଭାବେ ବ୍ୟବହାର କରୁଥିବା ଜଣାପଡିଛି । ଆମେରିକାର ଦାବିର କେନ୍ଦ୍ରରେ ହର୍ମୁଜ ପ୍ରଣାଳୀ ପୁନଃ ଖୋଲିବା ଅଛି, ଯାହା ପ୍ରାୟ ଏକ ମାସ ଧରି ଇରାନ ଦ୍ୱାରା ବନ୍ଦ ହେବା ଦ୍ୱାରା ତୈଳ ମୂଲ୍ୟ ଆକାଶଛୁଆଁ ହୋଇଛି । ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ଲକ୍ଷ୍ୟ ହେଉଛି- ଇରାନର ଅର୍ଥନୈତିକ ଜୀବନରେଖା ଖାର୍ଗ ଦ୍ୱୀପ ଉପରେ ଆକ୍ରମଣ କରି ଏହାକୁ ଦଖଲ କରିବା । ଲାରାକ୍ ଦ୍ୱୀପ ଉପରେ ଆକ୍ରମଣ କରିବା, ଯାହା ତେହେରାନକୁ ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ବଜାୟ ରଖିବାରେ ସାହାଯ୍ୟ କରେ । ହର୍ମୁଜର ପଶ୍ଚିମ ପ୍ରବେଶ ଦ୍ୱାର ନିକଟରେ ଅବସ୍ଥିତ ଆବୁ ମୁସା ଓ

ନିକଟସ୍ଥ ଦୁଇଟି ଦ୍ୱୀପକୁ ଦଖଲ କରିବା । ଇରାନରେ ଥିବା ଆଣବିକ ସାମଗ୍ରୀକୁ ସୁରକ୍ଷିତ ରଖିବା ପାଇଁ ଇରାନ ଭିତରେ ସ୍ଥଳ ଆକ୍ରମଣ କରିବା । ତଥାପି, ସମସ୍ତଙ୍କ ନଜର ଇରାନର 'ମୁକୁଟମଣି' - ଖାର୍ଗ ଦ୍ୱୀପ ଉପରେ ରହିଛି । ମାର୍ଚ୍ଚ ୧୪ରେ ଆମେରିକା ଇରାନଠାରୁ ପ୍ରାୟ ୨୫ କିମି ଦୂରରେ ଅବସ୍ଥିତ ଖାର୍ଗରେ ଥିବା ସାମରିକ ଘାଟି ଉପରେ ବୋମା ପକାଇ ସାରିଛି । ତଥାପି ଶକ୍ତି ଭିତ୍ତିଭୂମି ରକ୍ଷା ପାଇଥିଲା । ଯଦି ଆମେରିକା ଖାର୍ଗକୁ ଦଖଲ କରେ, ତେବେ ଇରାନର ଅର୍ଥନୈତିକ ପତନ ହେବ । ଏହା ପରେ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଇରାନକୁ ବାଧ୍ୟ କରିପାରିବେ । ମନେହୁଏ ଯେ ଇରାନ ଏପରି ସମ୍ଭାବନାର ପୂର୍ବାନୁମାନ କରିସାରିଛି ଏବଂ ବହୁସ୍ତରୀୟ ପ୍ରତିରକ୍ଷା ବ୍ୟବସ୍ଥା ସହ ଏହାକୁ ଏକ ଦୁର୍ଗରେ ପରିଣତ କରିଛି । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ସୈନ୍ୟ ବ୍ୟବହାର କରି ଖାର୍ଗକୁ ଦଖଲ କରିବା ଗୁରୁତ୍ୱପୂର୍ଣ୍ଣ ବିପଦ ବହନ କରେ ।

ଇଣ୍ଡିଗୋ ଏୟାରଲାଇନ୍ସ ବିମାନର ଜରୁରୀ ଅବତରଣ; ଯାତ୍ରୀ ସୁରକ୍ଷିତ

ନୂଆଦିଲ୍ଲୀ,୨୮/୩: ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନର ଜରୁରୀ ଅବତରଣ କରାଯାଇଛି । ଅଗ୍ନିଶମ ବିଭାଗ ଅନୁଯାୟୀ, ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଛି ଏବଂ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ଦିଲ୍ଲୀ ପୁଲିସ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଦିଲ୍ଲୀ ଆସୁଥିଲା । ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନକୁ ଦିଲ୍ଲୀ ବିମାନବନ୍ଦରରେ ଜରୁରୀ ଅବତରଣ କରିବାକୁ ପଡ଼ିଲା । ଏହି ସମୟରେ ରନୱେରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଥିଲା ଏବଂ ସମସ୍ତ ଜରୁରୀକାଳୀନ ସେବାକୁ ପ୍ରସ୍ତୁତ ରଖାଯାଇଥିଲା । ବିମାନଟି ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଛି ।

ଇରାନ ଯୁଦ୍ଧ ମାସ ମାସ ନୁହେଁ କିଛି ସପ୍ତାହରେ ଶେଷ ହେବ:

ସମୟସୀମାର ସୂଚନା ଦେଲେ ରୁବିଓ

ପ୍ୟାରିସ,୨୮/୩: ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଇରାନ ଯୁଦ୍ଧର ଅନ୍ତ କେବେ ଘଟିବ ସେନେଇ ସୂଚନା ପ୍ରଦାନ କରିଛନ୍ତି । ରୁବିଓ କହିଛନ୍ତି, ଚାଲିଥିବା ଉପସାଗରୀୟ ଯୁଦ୍ଧ କିଛି ସପ୍ତାହ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି । ଏହା ଜୋର ଦେଇ କହିଛନ୍ତି ଯେ, ଏହା ମାସ ମାସ ପର୍ଯ୍ୟନ୍ତ ଚାଲିବ ନାହିଁ । ରୁବିଓଙ୍କ ମନ୍ତବ୍ୟ ଏହି ସମୟରେ ଆସିଛି ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ତେହେରାନ ସହିତ ବ୍ୟାକଚ୍ୟାନେଲ ଆଲୋଚନାରେ ନିୟୋଜିତ ହେଉଛି । ଏହି ସମୟରେ, ୱାଶିଂଟନ ମଧ୍ୟପ୍ରାଚ୍ୟରେ କ୍ରମାଗତ ଭାବରେ ନିଜର ସାମରିକ ଉପସ୍ଥିତି ମଧ୍ୟ ବୃଦ୍ଧି କରୁଛି । କିନ୍ତୁ ଏପରିସ୍ଥଳେ ରୁବିଓଙ୍କ ମନ୍ତବ୍ୟ ପ୍ରକୃତ ସ୍ଥିତିକୁ ସ୍ପଷ୍ଟ କରୁନାହିଁ । ରୁବିଓ ଫ୍ରାନ୍ସରେ ଜି-୭ବୈଦେଶିକ ମନ୍ତ୍ରୀଙ୍କ ଏକ ବୈଠକରେ ଯୋଗ ଦେଇଥିଲେ, ଯେଉଁଠାରେ ଇରାନ ଯୁଦ୍ଧ ଏବଂ ହର୍ମୁଜ ପ୍ରଣାଳୀ ଦେଇ ଜାହାଜର ଗତିବିଧି ଉପରେ ଆଲୋଚନା କରାଯାଇଥିଲା । ଇରାନ ସହିତ ସଂଘର୍ଷର ସମୟସୀମା ରୂପରେଖା ଦେଇ ରୁବିଓ କହିଥିଲେ ଯେ, ଉପସାଗରୀୟ ଯୁଦ୍ଧ ସମୟସୀମା ଅନୁସାରେ କିମ୍ବା ସମୟସୀମା ବାହାରେ ମଧ୍ୟ ଆଗକୁ ବଢୁଛି । ସେ ସ୍ଥଳ ଅଭିଯାନର ସମ୍ଭାବନାକୁ କମ୍ କରି କହିଥିଲେ । ଦୀର୍ଘ ସ୍ଥଳ ଅଭିଯାନ ନକରି ମଧ୍ୟ ଆମେ ଲକ୍ଷ୍ୟ ହାସଲ କରିପାରିବୁ ବୋଲି ସେ ବୈଠକ ପରେ କହିଛନ୍ତି । ଏହି ଅଂଚଳରେ ହଜାର ହଜାର ମାରିନ୍ ଏବଂ ସ୍ୱତନ୍ତ୍ର ବାହିନୀ ପାରାଟ୍ରୁପର୍ ମୁତୟନ ବିଷୟରେ ପଚରାଯିବାରୁ, ରୁବିଓ କହିଛନ୍ତି ଯେ ପରିସ୍ଥିତି ବଦଳିଲେ, ହେଲେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ତାଙ୍କର ବିକଳ୍ପଗୁଡ଼ିକୁ ବ୍ୟବହାର କରିପାରିବେ ବୋଲି ସେ କହିଛନ୍ତି ।

ପେଟ୍ରୋଲ ରପ୍ତାନି ଉପରେ ରୋକ ଲଗାଇଲା ରୁଷ :

ତେଲ ଦର ବଢ଼ିବା ଆଶଙ୍କା !

ମସ୍କୋ,୨୮/୩: ଆମେରିକା-ଇରାନ ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ଶକ୍ତି ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ଏହି ସମୟରେ, ରୁଷ ଏକ ବଡ଼ ନିଷ୍ପତ୍ତି ନେଇ ପେଟ୍ରୋଲ ରପ୍ତାନି ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଘୋଷଣା କରିଛି । ରୁଷର ଉପ-ପ୍ରଧାନମନ୍ତ୍ରୀ ଆଲେକଜାଣ୍ଡର ନୋଭାକ ଏପ୍ରିଲ ୧ ରୁ ପେଟ୍ରୋଲ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଶକ୍ତି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ରୁଷ ସରକାରଙ୍କ ଅନୁଯାୟୀ, ଏହି ପ୍ରତିବନ୍ଧକ ଜୁଲାଇ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିପାରେ । ଏହି ନିଷ୍ପତି ପଛରେ ସବୁଠାରୁ ବଡ଼ କାରଣ ବିଶ୍ୱ ତୈଳ ବଜାରରେ ବଢୁଥିବା ଅସ୍ଥିରତା ବୋଲି କୁହାଯାଉଛି । ନୋଭାକ କହିଛନ୍ତି, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ଉତ୍ପାଦର ମୂଲ୍ୟରେ ଏକ ବଡ଼ ପରିବର୍ତ୍ତନ ହେଉଛି । ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଆନ୍ତର୍ଜାତୀୟ ବଜାରରେ ରୁଷ ଶକ୍ତି ସମ୍ପଦର ଚାହିଦା ଅଧିକ ରହିଛି । ଏହା ସତ୍ତ୍ୱେ, ସରକାର ଘରୋଇ ଆବଶ୍ୟକତାକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଗତ ବର୍ଷ, ରୁଷର ଅନେକ ଅଂଶ ଏବଂ ରୁଷ ନିୟନ୍ତ୍ରଣାଧୀନ ୟୁକ୍ରେନର ଅଂଚଳଗୁଡ଼ିକରେ ପେଟ୍ରୋଲ ଅଭାବ ଦେଖାଦେଇଥିଲା, ଯାହା ରିଫାଇନାରୀଗୁଡ଼ିକ ଉପରେ ଆକ୍ରମଣ ଏବଂ ହଠାତ୍ ଚାହିଦା ବୃଦ୍ଧି ଯୋଗୁଁ ହୋଇଥିଲା । ଏହି ଅଭିଜ୍ଞତାକୁ ବିଚାରକୁ ନେଇ, ଏଥର ଆଗୁଆ ପଦକ୍ଷେପ ନିଆଯାଇଛି । ରୁଷ କହିଛି ଯେ ଦେଶରେ ଅଶୋଧିତ ତୈଳ ପ୍ରକ୍ରିୟାକରଣ ବର୍ତ୍ତମାନ ସ୍ଥିର ଅଛି, ଯାହା ଘରୋଇ ଯୋଗାଣ ପାଇଁ କୌଣସି ବିପଦ ସୃଷ୍ଟି କରୁ ନାହିଁ । ତଥାପି, ନିରନ୍ତର ରପ୍ତାନି ଘରୋଇ ବଜାର ଉପରେ ଚାପ ବୃଦ୍ଧି କରିପାରେ, ତେଣୁ ଏହି ନିଷ୍ପତି ନିଆଯାଇଛି । କିନ୍ତୁ,ବିଶ୍ୱ ସ୍ତରରେ, ପରିସ୍ଥିତି ପୂର୍ବରୁ ଉତ୍ତେଜନାପୂର୍ଣ୍ଣ ରହିଛି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ତୈଳ ଯୋଗାଣ ଉପରେ ଚାପ ପଡ଼ିଛି । ଏପରି ପରିସ୍ଥିତିରେ, ରୁଷର ଏହି ନିଷ୍ପତି ଅନ୍ତର୍ଜାତୀୟ ବଜାରରେ ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ । ତଥାପି, ଅଶୋଧିତ ତୈଳ ଉପରେ କୌଣସି ପ୍ରତିବନ୍ଧକ ଲଗାଯାଇ ନାହିଁ, ଯାହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଯୋଗାଣ ଜାରି ରହିବ । ଏହି ସମୟରେ, ୟୁକ୍ରେନ ଦ୍ୱାରା ରୁଷିଆର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି । ଚଳିତ ମାସରେ, ଦୁଇଟି ପ୍ରମୁଖ ରିଫାଇନାରୀ ପ୍ଲାଂଟ୍‌କୁ ଟାର୍ଗେଟ କରାଯାଇଥିଲା । ରୋସନେଫ୍ଟର ସାରାଟୋଭ ପ୍ଲାଂଟ ଏବଂ ସୁରଗୁଟନେଫ୍ଟଗୋସର କିରିଶି ରିଫାଇନାରୀ ଉପରେ ଆକ୍ରମଣ ହୋଇଥିଲା । ଏହି ଦୁଇ ରିଫାଇନାରୀ ରୁଷିଆର ମୋଟ ରିଫାଇନାରୀ କ୍ଷମତାର ପ୍ରାୟ ୧୦ ପ୍ରତିଶତ ଉତ୍ପାଦନ କରିଥାନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଦୁଇଦିନିଆ ମଡେଲ ଇଟିଂଗ୍ରେଟେଡ୍ ମେଡିକାଲ କ୍ୟାମ୍ପ

କେନ୍ଦୁଝର,୨୮/୩(ନି/ପ୍ର): ଭାରତୀୟ ସେନାର ବାଲେଶ୍ୱର ଷ୍ଟେସନ ମୁଖ୍ୟାଳୟ (ଚାନ୍ଦିପୁର-ଅନ-ସି) ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୦ ଓ ୩୧ ତାରିଖରେ କେନ୍ଦୁଝର ମୁନିସିପାଲିଟି ଅଡିଟୋରିୟମ ଠାରେ ଏକ ବିଶାଳ 'ମଡେଲ ଇଟିଂଗ୍ରେଟେଡ୍ ମେଡିକାଲ କ୍ୟାମ୍ପ' ଆୟୋଜନ କରାଯାଉଛି। ଓଡ଼ିଶା ଏବଂ ଛତିଶଗଡ ସବ୍-ଏରିଆର ତତ୍ତ୍ୱାବଧାନରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ କେନ୍ଦୁଝର ଜିଲ୍ଲା ଭୂତପୂର୍ବ ସୈନିକ ସଂଘ ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟ ଉଦ୍ଦେଶ୍ୟ ଓ ହିତାଧିକାରୀଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୩୦୦୦ ରୁ ଅଧିକ ଭୂତପୂର୍ବ ସୈନିକ, ବୀର ନାରୀ, ବୀର ମାତା, ଅକ୍ଷମ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସମସ୍ତ ସୁବିଧା ଗୋଟିଏ ସ୍ଥାନରେ ଯୋଗାଇ ଦିଆଯିବ । ବିଶେଷ କରି ଦୂରଦୂରାନ୍ତରେ ରହୁଥିବା ସେନା ପରିବାର ଯେଉଁମାନେ ଉପଯୁକ୍ତ ଚିକିତ୍ସା ଓ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କ ନିକଟରେ ସେବା ପହଁଚାଇବା ଏହାର ମୂଳ ଲକ୍ଷ୍ୟ । ଏହି ଶିବିରରେ ବହୁବିଧ ସେବା ଉପଲବ୍ଧ ହେବ, ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ଓ ଦନ୍ତ ଚିକିତ୍ସା। ବୌଦ୍ଧିକ ଅକ୍ଷମତା ପରୀକ୍ଷା ଏବଂ ତତ୍କାଳ 'ୟୁଡିଆଇ' ଡି କାର୍ଡ ପ୍ରଦାନ। ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ 'ଆୟୁଷ୍ମାନ ବୟ ବନ୍ଦନା ଯୋଜନା' କାର୍ଡ ପ୍ରଦାନ । 'ସ୍ପର୍ଶ' ମାଧ୍ୟମରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ। 'ଇସିଏଚଏସ' ପଞ୍ଜିକରଣ, 'ସିଏସଡି' ସୁବିଧା, ଆଇନଗତ ପରାମର୍ଶ ଏବଂ ନିଯୁକ୍ତି ସହାୟତା । ସାଧାରଣ ଜନତାଙ୍କ ପାଇଁ ସୁବିଧାସେନା ପକ୍ଷରୁ ସୂଚନା ଦିଆଯାଇଛି ଯେ, ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ସାଧାରଣ ଜନତାଙ୍କୁ ମଧ୍ୟ କିଛି ସୀମିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ, ଯାହା ଦ୍ୱାରା ସାମରିକ ଓ ବେସାମରିକ ସମ୍ପର୍କ ଅଧିକ ସୁଦୃଢ଼ ହେବ । ଏହି ଅବସରରେ ଛତିଶଗଡ ଓ ଓଡ଼ିଶା ସବ୍-ଏରିଆ କମାଣ୍ଡର ବ୍ରିଗେଡିୟର ଟି.ଏସ୍. ବାଓ୍ୱା କହିଛନ୍ତି ଯେ, 'କେନ୍ଦୁଝରରେ ଅନୁଷ୍ଠିତ ଏହି ସମନ୍ୱିତ ଚିକିତ୍ସା ଶିବିର କେବଳ ଏକ ସେବା ମୂଳକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ପ୍ରତିଶ୍ରୁତି। ଆମର ଲକ୍ଷ୍ୟ ହେଉଛି, ଭୌଗୋଳିକ ଦୂରତା କିମ୍ବା ବ୍ୟବସ୍ଥାରେ ଥିବା ସମସ୍ୟା ଯୋଗୁଁ ଯେପରି କୌଣସି ପୂର୍ବତନ ସୈନିକ କିମ୍ବା ତାଙ୍କ ପରିବାର ସୁବିଧାରୁ ବଂଚିତ ନ ହୁଅନ୍ତି। ଦେଶ ପାଇଁ ନିଃସ୍ୱାର୍ଥପର ଭାବେ ସେବା କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ଦ୍ୱାରା ସେନା, ଜିଲ୍ଲା ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ ହେବ' । ଏହି ଶିବିରରେ ସମସ୍ତ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗ ଯୋଗ ଦେଇ ଏହାର ଲାଭ ଉଠାଇବାକୁ ଅନୁରୋଧ କରାଯାଇଛି।

ମା ଧାମରାଇ ଯୁବ ପରିଷଦ ତରଫରୁ ରାମ ନବମୀ ପାଳିତ

ଭଦ୍ରକ,୨୮/୩(ନି/ପ୍ର): ପବିତ୍ର ରାମ ନବମୀ ଅବସରରେ ଧାମରା ଗୈରିକ ମୟ ହୋଇପଡିଛି। ଏହି ଅବସରରେ ଧାମରା ବଜାର ଠାରୁ ଆରମ୍ଭ କରି ଧାମରା ୮ ପଂଚାୟତରେ ଶ୍ରୀରାମ ନବମୀ ଅବସରରେ ସମସ୍ତ ଅଂଚଳରେ ଗୈରିକ ପତାକା ପୁର ପଲ୍ଲୀରେ ଛାଇ ଯାଇଥିବା ବେଳେ ସମସ୍ତ ଅଂଚଳରେ ଶ୍ରୀରାମ ଧ୍ୱନି ମଧ୍ୟରେ ଉତ୍ସବ ମୁଖର ହୋଇ ପଡିଛି।

ଟ୍ରଲର ଚାଳକଙ୍କୁ ମାଡ଼ ମାରି ପିକଅପର ୨ କର୍ମଚାରୀ ଅଟକ

ପାଟଣା,୨୮/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଚଂଳ ୨୦ନମ୍ବର ଜାତୀୟ ରାଜପଥର ଖଟଂଘର ଟୋଲଗେଟ୍ ନିକଟରେ ଗତକାଲି ରାତି ୯ଟାରେ ଜଣେ ଟ୍ରକ ଚାଳକଙ୍କୁ ଗୋଟିଏ ପିକଅପର ଦୁଇଜଣ କର୍ମଚାରୀ ମାଡ଼ ମାରିଥିଲେ। ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଟ୍ରଲରଟି କେନ୍ଦୁଝର ଆଡ଼କୁ ଯାଉଥିବା ବେଳେ ପ୍ରଥମେ ଏକ ଟ୍ରାକ୍ଟରକୁ ସାଇଡ ମାରି ଆସିଥିଲା। ପରେ ଟୋଲଗେଟ୍ ନିକଟରେ ହମ୍ପସ ଡେଇଁ ପିକଅପକୁ ଧକ୍କା ଦେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପିକଅପର ଦୁଇ କର୍ମଚାରୀ ଟ୍ରଲର ଚାଳକ ମନିଲ ଶେଖଙ୍କୁ ମାଡ଼ ମାରିବା ସହ ଟ୍ରଲର ସାମ୍ନା ଓ ସାଇଡ କାଚକୁ ଭାଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଚିଂ ପିକଅପ କର୍ମଚାରୀ ସୁଦର୍ଶନ ମାଝୀ ଓ ମନୋଜ ମାଝୀଙ୍କୁ ଘଟଗାଁ ଥାନାକୁ ନେଇଯାଇଥିଲେ। ପୁଲିସ ଟ୍ରଲର ଚାଳକ ମନିଲ୍ ଶେଖଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଏନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ମନୋଜ ଓ ସୁଦର୍ଶନଙ୍କୁ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି।

ନାଦନିକୁଞ୍ଜ ଶିକ୍ଷା ଅନୁଷ୍ଠାନ ପରିସରରେ ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତା

ବଲାଙ୍ଗିର,୨୮/୩(ନି/ପ୍ର):ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଆଦର୍ଶପଡା ସ୍ଥିତ ନାଦନିକୁଞ୍ଜ ଶିକ୍ଷା ଅନୁଷ୍ଠାନ ପରିସରରେ ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିବାବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହଭରିତ ଭାବରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଆୟୁଷ୍ମାନ ମିଶ୍ର (ବିଶ୍ୱାତ୍ମା ବିଦ୍ୟା ମନ୍ଦିର, ବଲାଙ୍ଗିର) ପ୍ରଥମ, ଅନ୍ୱେଷା ବାଗ (ଲିଟଲ ଫ୍ଲାଓ୍ୱାର ସ୍କୁଲ, ବଲାଙ୍ଗିର) ଦ୍ୱିତୀୟ ଏବଂ ଦିପ୍ତିମୟୀ ଯାଦବ(ଲିଟଲ ଫ୍ଲାଓ୍ୱାର ସ୍କୁଲ, ବଲାଙ୍ଗିର) ଓ ଜୟନନ୍ଦିନୀ ପୂଜାରୀ (ସେଂଚୁରିଆନ ପବ୍ଲିକ ସ୍କୁଲ, ବଲାଙ୍ଗିର) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି । ବିଜେତାମାନଙ୍କୁ ଆସନ୍ତା ୦୧ ଏପ୍ରିଲରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଶସ୍ତିପତ୍ର ଓ ପୁରସ୍କାର ପ୍ରଦାନ କରାଯିବ । ବିଚାରକ ଭାବେ ଶୁଭ୍ରାଂଶୁ ଶେଖର ମିଶ୍ର, ପ୍ରାଣ ପ୍ରକାଶ ଦାଶ ଓ ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ । ପ୍ରବଞ୍ଜନ ରାୟଗୁରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ସାହାରପଡ଼ା ବ୍ଲକ ସଭାଗୃହରେ 'ଭିବି ଜି ରାମ ଜି (ମନରେଗା)' ଓ ସମଗ୍ର ଶିକ୍ଷା ଯୋଜନାର ସାମାଜିକ ସମୀକ୍ଷାର ଜନଶୁଣାଣି

ଶ୍ରୀ ରାମନବମୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱର୍ଣ୍ଣକ୍ଷେତ୍ର ଗଦଗଦିରେ ମହାସମାରୋହରେ ପାଳିତ

କେନ୍ଦୁଝର,୨୮/୩(ନି/ପ୍ର): ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଶ୍ରୀ ରାମନବମୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱର୍ଣ୍ଣକ୍ଷେତ୍ର ଗଦଗଦିରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ବିଦ୍ୟା ମନ୍ଦିର ବିଦ୍ୱତ୍ ପରିଷଦର ସଭାପତି ଦିବାକର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ରାମଚନ୍ଦ୍ରଙ୍କ ଧରାବତରଣର ଉଦ୍ଦେଶ୍ୟ ସମ୍ବନ୍ଧରେ ଉପସ୍ଥିତ ଶିଶୁ ଭାଇ ଭଉଣୀ ଓ ଗୁରୁମା ଗୁରୁଜୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ବେଶରେ ଆସିଥିବା ଶିଶୁ ମାନଙ୍କୁ ବନ୍ଦାପନା କରାଯାଇଥିଲା। ଗୁରୁମା ଝୁନୁ ମହାନ୍ତ ଶ୍ରୀରାମଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଭା ଦାସ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ୟକ୍ତିଗତ ଗୀତ ଗାନ କରିଥିଲେ ଗୁରୁମା ପ୍ରତିମା ମହାନ୍ତ। ଗୁରୁଜୀ ସନାତନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

ରବି ଚାଷ ପଞ୍ଜିକରଣ ଅବଧି ବଢାଇବା ପାଇଁ ଦାବି

ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

ଜୟପୁର,୨୮/୩(ନି/ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆଜି ଶତାଧିକ ଚାଷୀ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି । ରବି ଚାଷ ପଞ୍ଜିକରଣ ଅବଧି ବଢ଼ାଇବାକୁ ଦାବି କରି ଘେରାଉ ବିକ୍ଷୋଭ କରିଛନ୍ତି ଚାଷୀ । ଉପ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗତ ୧୦.୩.୨୬ ତାରିଖରେ ରବି ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିବାକୁ ଘୋଷଣା କରିଥିଲେ ସରକାର । କିନ୍ତୁ ନବିକରଣ ଫର୍ମ ତିନି ଚାରି ଦିନପରେ ଲ୍ୟାମ୍ପରେ ଦିଆଯାଇଛି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ପଞ୍ଜିକରଣ ଡାଟା ୫ ଦିନ ପରେ କୁମୁଲିପୁଟ ଲ୍ୟାମ୍ପକୁ ହସ୍ତାନ୍ତର କରାଯାଇଛି । ଲ୍ୟାମ୍ପର ଏମଡି ଚାଷୀ ମାନଙ୍କୁ ବଂଶାବଳି ନଦେଲେ କିଶମ, ଧାନ ଦୁଇ, ତିନି ଚାଷ ହୋଇଥିବା ଜଳସେଚିତ ଜମିକୁ ପଞ୍ଜି କରଣ କରିବାକୁ ମନା କରୁଛନ୍ତି । ଏଥିପାଇଁ ଚାଷୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହାସହ ସରଭର ଡାଉନ ମଧ୍ୟ ଲାଗି ରହିଛି । ବଂଶାବଳି ମାଗିଲେ ଆରଆଇ, ତହସିଲଦାର ଦେଉ ନାହାଁନ୍ତି । ଚାଷି କଣ କରିବ ରାତ୍ର ୧୨ଟା ଯାଏ ଚାଷିମାନେ ଲମ୍ବା ଲାଇନରେ ଠିଆ ହୋଇଥିବା ବେଳେ ରାତ୍ର ୧୨ଟା ସମୟରେ ସାଇଡ ବନ୍ଦ ହୋଇଗଲା । । ତେଣୁ ସରକାର ବଂଶାବଳି ଓ କିସମ ବାଦ୍ ଦେଇ ପଞ୍ଜିକରଣ କରିବା ନିମନ୍ତେ ୨୦ ଦିନ ସମୟ ବୃଦ୍ଧି କରାଯାଉ । ବର୍ତ୍ତମାନ ସୁଦ୍ଧା କୁମୁଲିପୁଟ ଲ୍ୟାମ୍ପ ଅଧିନରେ ଥିବା ଜାମୁଣ୍ଡା, ହାଡିଆ, କୁମୁଲିପୁଟ, ଆମ୍ବାଗୁଡା ଆଦି ଅଂଚଳର ପ୍ରାୟ ୧୨ ଶହରୁ ଉର୍ଦ୍ଧ୍ୱ ଚାଷି ପଜ୍ଞିକରଣ କରିବାରୁ ବଞ୍ଚିତ ହୋଇଛନ୍ତି। ଯଦି ରାଜ୍ୟ ସରକାର ପଞ୍ଜିକରଣ ଅବଧି ନବଢାଇବେ ତେବେ ରାସ୍ତା ଅବରୋଧ, ଚକ, ଅଖ, ଅଫିସ ବନ୍ଦ କରିବାକୁ କୁମୁଲିପୁଟ ଚାଷି ସଭାପତି ତ୍ରିନାଥ ମୁଦୁଲି, ଲ୍ୟାମ୍ପ ସଭାପତି ସୁଦିପ ପଦାର, ଚାଷି କୁନୁ ଗୌଡ, ବାବୁଲା ପଟ୍ଟନାୟକ ପ୍ରଦିପ୍ତ କୁମାର ଗୌଡ ସମେତ ଶତାଧିକ ଚାଷି ଚେତାବନୀ ଦେଇଛନ୍ତି । ଏହି ସମସ୍ୟା ଯେ ଜୟପୁର ଉପଖଣ୍ଡରେ ଦେଖାଯାଇଛି । ଏପଟେ ଚାଷିଙ୍କ ସମସ୍ୟାର ସମାଧାନ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବିଧାନସଭାରେ ଦାବି କରିଛନ୍ତି । ଚାଷି ପଞ୍ଜିକରଣ ହୋଇପାରୁ ନାହିଁ । ଲ୍ୟାମ୍ପରେ ଓ ରେଜିଷ୍ଟ୍ରେସନ ସ୍ଥାନରେ ଚାଷି ଅପେକ୍ଷା କରିଥିବା ବେଳେ ବନ୍ଦ ହୋଇଯାଇଛି । ସାରା ରାଜ୍ୟରେ ଲକ୍ଷ ଲକ୍ଷ ଚାଷି ପଞ୍ଜିକରଣ କରିବେ, ତେଣୁ ଚାଷି ମାନେ ଯେପରି ପଞ୍ଜିକରଣ କରିପାରିବେ ସେଥିପାଇଁ ଅବଧି ବଢାଇବା ସହ ଚାଷିଙ୍କ ସମସ୍ୟା ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ଯଦି ନକରିବେ ତେବେ ଚାଷି ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

ଆର୍ଟ ଅଫ୍ ଗିଭିଂ ୨୦୨୬ର ଥିମ୍ ଉନ୍ମୋଚିତ

ଚନ୍ଦ୍ରଶେଖରପୁର,୨୮/୩(ନି/ପ୍ର): ଆର୍ଟ ଅଫ୍ ଗିଭିଂର ଚଳିତ ବର୍ଷର ଥିମ୍ ଉନ୍ମୋଚନ ହୋଇଛି। ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଉନ୍ମୋଚନ କରିଥିଲେ। ଆର୍ଟ ଅଫ୍ ଗିଭିଂ ଚଳିତ ବର୍ଷର ଥିମ୍ ରଖାଯାଇଛି 'ସେୟାର ଟୁ ସାଇନ୍'। ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ୨୦୧୩ ମସିହାରେ ଆର୍ଟ ଅଫ୍ ଗିଭିଂ ଆରମ୍ଭ ହୋଇଥିଲା। ଆର୍ଟ ଅଫ୍ ଗିଭିଂ ମାଧ୍ୟମରେ ସମାଜରେ ସହଭାଗିତା, ସହଯୋଗ ଓ ସୌହାର୍ଦ୍ଦ୍ୟକୁ ଆହୁରିମଜବୁତ କରିବା ସହ ଦାନ ଓ ସେବା ମାଧ୍ୟମରେ ସମାଜରେ ଶାନ୍ତି, ସଦ୍‌ଭାବନା ଓ ଭାଇଚାରର ପ୍ରଚାର ପ୍ରସାର କରିବା। ଶ୍ରୀ ସାମନ୍ତ ଏହି ଅଭିଯାନ ମାଧ୍ୟମରେ ମାନବିକତା, ସହାନୁଭୂତି ଓ ନିଷ୍କାମ ସେବାର ଭାବନାକୁ ଜାଗୃତ କରିବା ଉପରେ ଜୋର ଦେଇ ଆସୁଛନ୍ତି। ଏହାକୁ ଉନ୍ମୋଚନ କରି ଶ୍ରୀ ସାମନ୍ତ କହିଲେ, ଏହି ଅଭିଯାନ ଆଜି ବିଶ୍ୱସ୍ତରରେ ପହଚିଂଛି। ବିଭିନ୍ନ ଦେଶର ଅଂଶଗ୍ରହଣକାରୀମାନେ ପ୍ରତିବର୍ଷ ଏଥିରେ ସକ୍ରିୟ ଭାବେ ସାମିଲ ହେଉଛନ୍ତି। ପ୍ରତିବର୍ଷ ଏହି ଅଭିଯାନ ଏକ ନୂତନ ଥିମ୍ ନେଇ ଆସିଥାଏ, ଯାହା ମାଧ୍ୟମରେ ଲୋକମାନେ ନିଜର ସମୟ, ସଂପଦ, ଜ୍ଞାନ ଓ ସ୍ନେହ ଅନ୍ୟଙ୍କ ସହିତ ବାଟିଂବାକୁ ପ୍ରେରିତ ହୋଇଥାନ୍ତି। ଚଳିତବର୍ଷର ଥିମ୍ 'ସେୟାର ଟୁ ସାଇନ୍'ର ମୂଳ ବାର୍ତ୍ତା ହେଉଛି, ବାଟିଂବାରେ ଅଛି ସତ୍ୟ ସଫଳତା ଓ ଆନନ୍ଦ। ବିଶ୍ୱବ୍ୟାପୀ ଆର୍ଟ ଅଫ୍ ଗିଭିଂର ଅନୁଗାମୀ ଏବଂ ଶୁଭେଚ୍ଛୁଙ୍କୁ ଏଥିରେ ସାମିଲ ହେବା ପାଇଁ ପ୍ରତିବର୍ଷ ମେ ମାସ ୧୭ ତାରିଖରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନର ଦୁଇ ମାସ ପୂର୍ବରୁ ଏହି ବିଷୟବସ୍ତୁ ଉନ୍ମୋଚିତ ହୋଇଥାଏ। ଖାଦ୍ୟ, ବସ୍ତ୍ର ଦାନ, ଶିକ୍ଷା ସହାୟତା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସମେତ କିଟ୍‌ର ପଦାଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ମଦ୍ୟପଙ୍କ ଗୁଳିମାଡ଼ରେ ଯୁବକ ଗୁରୁତର

ଝରିଗାଁ,୨୮।୩ (ଆ ପ୍ର) ; ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ କୁସୁମବାହାଲ ଗ୍ରାମରେ ମଦ୍ୟପଙ୍କ ଗୁଳିମାଡରେ ଜଣେ ଯୁବକ ଗୁରୁତର ହୋଇଛି। ଗୁରୁତର ଯୁବକ ଜଣକ ହେଲେ ପାଣ୍ଡୁ ଜାନି। ଅଭିଯୋଗ ଅନୁସାରେ ଶନିବାର ସନ୍ଧ୍ୟା ସମୟ ରେ ଝରିଗାଁ ଥାନା ଅନ୍ତର୍ଗତ ଏକମ୍ବାପଡା ଗାଁ ର ବିଷମ ଶବର ପ୍ରଚୁର ମଦ୍ୟପାନ କରି କୁସୁମବାହାଲ ଗ୍ରାମକୁ ଆସି ଲୋକଙ୍କ ସହ ଝଗଡା କରିଥିଲା । ତେବେ ଗାଁ ର ପାଣ୍ଡୁ ଯାନୀ ଓ ବନ୍ଧୁ ଯାନୀ ବୁଝା ସୁଝା କରି ବିଷମ ଶବରକୁ ନିଜ ଘରକୁ ନେଇ ଛାଡି ଦେଇଥିଲେ । ତେବେ ରାତି ସମୟରେ ପାଣ୍ଡୁ ଯାନୀ, ବନ୍ଧୁ ଯାନୀ ଓ ରାମ ଯାନୀ ତିନି ଜଣ ଗାଁ ବାହାରେ କଥା ହେଉଥିବା ସମୟରେ ବିଷମ ଶବର ହାତରେ ଏକ ବନ୍ଧୁକ ଧରି ପୁନର୍ବାର କୁସୁମ ବାହାଲ ଗାଁକୁ ଆସିଥିଲା । ବାହାରେ କଥା ହେଉଥିବା ପାଣ୍ଡୁ ଯାନୀଙ୍କ ଉପରକୁ ପଛ ପଟୁ ଗୁଳି ମାଡ଼ କରିଥିଲା । ତେବେ ପାଣ୍ଡୁ ର ଅଟାଂ, ଓ ପିଠି ରେ ଗୁଳି ମାଡ଼ ହୋଇଥିଲା । ଫଳରେ ପାଣ୍ଡୁ ତଳେ ପଡି ଯାଇଥିଲା । ପାଣ୍ଡୁ ଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଝରିଗାଁ ମେଡିକାଲ ପରେ ଉମରକୋଟ ମେଡିକାଲ ନିଆଯାଇଥିଲା। ସେଠାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି । ଏନେଇ ପାଣ୍ଡୁ ଙ୍କ ବଡ଼ ଭାଇ ଚନ୍ଦ୍ର ଯାନୀ ଝରିଗାଁ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ କୁ ଗିରଫ କରି ପୋଲିସ ପଚରା ଉଚରା କରୁଛି। ଦେଶୀ ବନ୍ଧୁକ ଅଭିଯୁକ୍ତ ବିଷମ ଶବର ନିକଟରେ କେମିତି ରହିଥିଲା ସେନେଇ ତଦନ୍ତ ଚାଲିଛି। ଅନ୍ୟ ପକ୍ଷେ ପାଣ୍ଡୁ ଜାନି ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ପୋଲିସ ସୂଚନା ଦେଇଛି।

ହିନ୍ଦୀ ସାହିତ୍ୟରେ 'ବିମର୍ଶର ସ୍ୱର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର

ବଲାଙ୍ଗିର, ୨୮/୩(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକ ହିନ୍ଦୀ ବିଭାଗ ତରଫରୁ 'ହିନ୍ଦୀ ସାହିତ୍ୟରେ ବିମର୍ଶର ସ୍ୱର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧକ୍ଷ ଡଃ. ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଅଧକ୍ଷ ନିଜେ ସ୍ୱାଗତ ସମ୍ଭାଷଣ ରଖିଥିଲେ ଓ ଏହି ଅବସରରେ ଡଃ. ଛବିଳ କୁମାର ମେହେର ମୁଖ୍ୟବକ୍ତା ଭାବରେ ଯୋଗଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଜିତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଭଞ୍ଜନ କୁମାର ମିଶ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପସ୍ଥାପନ କରିଥିବାବେଳେ ଆଇ.କ୍ୟୁ. ଏ. ସି ସଂଯୋଜକ ବିଭୁତି ଭୂଷଣ ସାହୁ ମଂଚାସିନ ଥିଲେ ଏବଂ ଉତମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ଘାଟନ ସଭା ପରେ ଅନୁଷ୍ଠିତ ସମାନ୍ତରାଳ ଆଲୋଚନାଚକ୍ରରେ ପ୍ରଫେସର ଜୟନ୍ତ କୁମାର ଶର୍ମା ସଭାପତିତ୍ୱ କରିଥିବାବେଳେ ଡଃ. ରୂପଧର ଗମାଙ୍ଗୋ, ଦେବଦାସ ଖଟାଇ, ଡଃ. ବିଜୟ କୁମାର ବେହେରା, ଡଃ. ଦାଶରଥି ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ପ୍ରଦାନ କରିଥିଲେ ଓ ଅପରାହ୍ଣରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ୨ଟି ପ୍ରକୋଷ୍ଠରେ ସମସ୍ତ ଗବେଷକ ତଥା ବିଷୟ ବିଶେଷଜ୍ଞମାନେ ନିଜ ନିଜ ପ୍ରବନ୍ଧ ପାଠ କରିଥିଲେ ଓ ଅଧାପିକା ଲିପ୍ସା ମିଶ୍ର, ଅଧାପିକା ଉର୍ମିଳା ମଟାରୀ ପ୍ରମୁଖ ପତ୍ର ସଂଚାଳନ କରିଥିଲେ ଓ ଏଥିରେ ୪୦ ଟି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା ଓ ସମାପନ ସତ୍ରରେ ଓଡ଼ିଶା ମୁକ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଅବସରପ୍ରାପ୍ତ କୁଳସଚିବ ପ୍ରଫେସର ଜୟନ୍ତ କୁମାର ଶର୍ମା ମୁଖ୍ୟବକ୍ତା ଭାବରେ ଯୋଗଦେଇ ହିନ୍ଦୀ ସାହିତ୍ୟର ବିମର୍ଶ ଉପରେ ଆଲୋକପାତ କରିଥିଲେ ଏବଂ ଏ ଅବସରରେ ତାଙ୍କୁ ରାଜାରାମ ସଂସ୍କୃତି-ସେତୁ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିଲା । ଏହି ଆଲୋଚନାଚକ୍ରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ, ଡଃ. ବି. ଡ଼ି. ଯତି କଲେଜ କର୍ଣ୍ଣାଟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ନେତାଜୀ ସୁବାସ ବୋଷ କଲେଜ ସମ୍ବଲପୁର, ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗିର, ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିରର ଛାତ୍ର ଛାତ୍ରୀ, ଗବେଷକ/ ଗବେଷିକା, ଅଧାପକ ଅଧାପିକା ପ୍ରମୁଖ ନିଜ ନିଜ ପ୍ରବନ୍ଧ ପାଠ କରିଥିଲେ ଓ ଶେଷରେ ଉର୍ମିଳା ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଯେଉଁମାନେ ପ୍ରବନ୍ଧ ପାଠ କରିଥିଲେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଓ ଅଧାପକ ଆଦର୍ଶ କୁମାର ମହାପାତ୍ର, ଦିନେଶ ସିଂହ, ରିୟା ଶତପଥି, ପ୍ରତୀକ୍ଷା ପ୍ରତିଶୃତି, ଦେବଦତ ପାଣିଗ୍ରାହୀ, ରାକେଶ ମଲ୍ଲିକ, ସିଦ୍ଧାର୍ଥ ଦାଶ, ସୁଚେତା ଦୋରା, ଦୀପିକା ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀ ତଥା ସମସ୍ତ ଅଧାପକ ଅଧାପିକା ଯୋଗ ଦେଇଥିଲେ ।

ଜାତୀୟ ତମାଖୁ ନିୟନ୍ତ୍ରଣ ପାଇଁ ଦିନିକିଆ ତାଲିମ୍ ଶିବିର

କେନ୍ଦ୍ରାପଡା,୨୮/୩(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷ ଠାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଘଞ୍ଜଉଚ)ଅଧୀନରେ ଆଇନ ଅନୁପାଳନ ସମ୍ପର୍କିତ ଏକଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି (ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାକୁ ଉତ୍ପାଦ ଆଇନ) କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରିବା ସହିତ ସାର୍ବଜନିକ ସ୍ଥାନରେ ତମାଖୁ ବ୍ୟବହାରକୁ ନିୟନ୍ତ୍ରଣ କରିବା। ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଶାଖା, ଆବକାରୀ ବିଭାଗ, ଶିକ୍ଷା ବିଭାଗ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ବିଶେଷଜ୍ଞ ଭାବେ ଡା. ମିର୍ଜା ବାବର ବୈଗ ଏବଂ ଡାକ୍ତର ନିରାକାର କର ଯୋଗ ଦେଇ ମୁଖ୍ୟ ବ୍ୟବସ୍ଥାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ।

ଅଧାପନ୍ତରିଆ ପାର୍କ ନିର୍ମାଣକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ,୨୮/୩(ନି/ପ୍ର):ଚମ୍ପୁଆ ବ୍ଲକ ପ୍ରତି ପଂଚାୟତରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ପାଇଁ ପଂଚାୟତ ମୁଖ୍ୟାଳୟ ମାନଙ୍କରେ ପାର୍କ ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ କାର୍ଯ୍ୟାଦେଶ ଦିଆଯାଇ ଅନୁଦାନ ମଧ୍ୟ ଯୋଗାଇ ଦିଆ ଯାଇଥିବା ବେଳେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତର ଚନ୍ଦ୍ରଶେଖରପୁର ଗ୍ରାମରେ ନିର୍ମାଣ ହେଉଥିବା ମୋଡେଲ ରୁରାଲ ପାର୍କ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଠିକାଦାର କାମକୁ ଅଧାରେ ଛାଡି ଦେଇଥିବାରୁ କାର୍ଯ୍ୟର ସମ୍ପୂର୍ଣ୍ଣ କରଣପାଇଁ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଦେଖା ଦେଇଛି । ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମରେ ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମର ସରକାରୀଜମିରେ ୩୨ଲକ୍ଷ ୧୧ହଜାର ଅନୁଦାନରେ ଏଗ୍ରିମେଂଟ କୋଷ୍ଟ ୨୮ଲକ୍ଷ ୬୧ହଜାର ୯୮ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ କରା ଯାଉଥିବା ବେଳେ ଠିକାଦାର ମାର୍କଣ୍ଡ ନାଏକ ଏହିନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ ପାଇଥିଲେ । ତେବେ ଇତିମଧ୍ୟରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ପାର୍କ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଥିବା ଦେଖିବାକୁ ମିଳିଛି । ପାର୍କ ଭିତରେ କୌଣସି ଆଖି ଦୃଶିଆ କାର୍ଯ୍ୟ ହୋଇ ନ ଥିବାବେଳେ ଠିକାଦାର ଜଣଙ୍କ ପାର୍କ ର ପାଚେରି ନିର୍ମାଣ କାର୍ଯ୍ୟ ମଧ୍ୟ ସାରି ନାହାନ୍ତି କି ପାର୍କର ମୁଖ୍ୟ ଫାଟକ କାର୍ଯ୍ୟ ମଧ୍ୟ ନ କରି କାମକୁ ଅଧାରେ ଛାଡି ଦେଇ ଥିବାରୁ ଏବେ କାର୍ଯ୍ୟଟି ଅଧାପନ୍ତରିଆ ଭାବେ ପଡି ରହିଛି। ଠିକାଦାର କାମକୁ ଅଧାରେ ବନ୍ଦ ରଖି ଥିବାରୁ ଅସାମାଜିକ ବ୍ୟକ୍ତିମାନେ ସନ୍ଧ୍ୟା ହେଲେ ଆସର ଜମାଉ ଥିବା କୁହା ଯାଉଛି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି । ଅନ୍ୟପକ୍ଷେ, ପାର୍କନିର୍ମାଣ ପାଇଁ ବିଲ ପାଶ ହେଉ ନ ଥିବାରୁ ପାର୍କ କାମ ଆଗେଇ ପାରୁ ନାହିଁ ବୋଲି ଠିକାଦାର ମହଲରୁ ପ୍ରକାଶ ପାଇଥିବା ବେଳେ ଏ ସମ୍ପର୍କରେ ଚନ୍ଦ୍ରଶେଖରପୁର ପଂଚାୟତ ଦାଇତ୍ୱରେ ଥିବା ଚମ୍ପୁଆ ବ୍ଲକର କନିଷ୍ଠ ଯନ୍ତ୍ରୀ ବେବିନା ତରାଇଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ବିବିଧା

ଖାଦ୍ୟରେ ସାମିଲ କରନ୍ତୁ ପନିର

ଆମ ଶରୀର ପାଇଁ ଉତ୍ତମ ଖାଦ୍ୟର ଆବଶ୍ୟକତା ରହିଛି । ତେଣୁ ସୁସ୍ଥ ଶରୀର ପାଇଁ ଆମେ ଅନେକ କିଛି ଜିନିଷ ଖାଇଥାଉ । ଯାହା ଖାଇବା ଦ୍ୱାରା ଉତ୍ତମ ଶରୀର ଗଠନ କରିବାରେ ସହାୟକ ହୋଇଥାଏ । କ୍ଷୀର ଆମ ସୁସ୍ଥ ଶରୀର ପାଇଁ ବେଶ୍ ଲାଭକାରୀ । ପନିର କ୍ଷୀରରୁ ହେଉଥିବାରୁ ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ । ପନିର କଞ୍ଚା ହେଉ ଅବା ଭଜା । ଉଭୟକୁ ଲୋକେ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି ...

ନିରାମିଷ ତରକାରୀ ନାଁ ଆସିଲେ ପ୍ରଥମେ ଲୋକେ ପନିର ତରକାରୀକୁ ବାଛିଥାନ୍ତି । ଏହା ଯେତିକି ସ୍ୱାଦିଷ୍ଟ ସେତିକି ଶରୀର ପାଇଁ ହିତକର । ଏଥିରୁ ଆମକୁ ଅନେକ ପୋଷକ ତତ୍ତ୍ୱ ମିଳିଥାଏ । ଯାହା ଆମ ସୁସ୍ଥ ଶରୀର ପାଇଁ ଲାଭକାରୀ ହୋଇଥାଏ । ପନିରରେ ସେଲେନିୟମ୍, କ୍ୟାଲସିୟମ୍, ଫସଫରସ୍ ଏବଂ ପୋଟାସିୟମ୍ ମିଳିଥାଏ । ଯାହା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିପାରେ । ବିଶେଷ କରି ଆମ ବ୍ରେନ୍ ପାଇଁ ଏହା ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ । ତେଣୁ ଆସନ୍ତୁ ଆଜି ଆମେ ଆପଣଙ୍କୁ କଞ୍ଚା ପନିର ଖାଇବାର ଲାଭ ସମ୍ପର୍କରେ ଜାଣିବା ।

◆ ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଓଜନ ପାଇଁ ଚିନ୍ତାରେ ରହିଥାନ୍ତି । ସେଥିପାଇଁ କିଛି ଲୋକେ ଡାଏଟ କରନ୍ତି ତ ଆଉ କିଏ ପୁଣି ଏକ୍ସରସାଇଜ କରିଥାନ୍ତି । କଞ୍ଚା ପନିର ଓଜନ ହ୍ରାସ କରିବାର ସବୁଠାରୁ ସହଜ ଉପାୟ । ଏହା ଓଜନ ନିୟନ୍ତ୍ରଣ କରେ ଏବଂ ଖାଦ୍ୟ ପାଇଁ ଭୋକ ମଧ୍ୟ କମ କରେ ।

◆ ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ସମସ୍ତେ ଷ୍ଟ୍ରେସରେ ରହିଥାନ୍ତି । ଯାହା ଷ୍ଟ୍ରେସର ଶିକାରରୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପନିର ଏହି ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ କଞ୍ଚା ପନିର ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସହାୟକ କରିଥାଏ ।

◆ ଯଦି ହାଡ ଦୁର୍ବଳ ରହିଛି, ତେବେ ଆପଣ କଞ୍ଚା ପନିର ଖାଇବା ଆରମ୍ଭ କରନ୍ତୁ । ଏଥିରେ କ୍ୟାଲସିୟମ ଏବଂ ଫସଫରସ ଥିବାରୁ ହାଡ ପାଇଁ ଲାଭକାରୀ ହୋଇଥାଏ । ଯାହା ଦୁର୍ବଳ ହାଡକୁ ମଜବୁତ କରିଥାଏ । ଯଦି ଆପଣ ଶରୀରରେ କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି, ତେବେ ଆପଣଙ୍କୁ ଆପଣଙ୍କ ଖାଦ୍ୟରେ ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ । ଆପଣଙ୍କୁ ଜଣାଇ ଦେଉଛୁ ଯେ କଞ୍ଚା ପନିରରେ ପ୍ରୋଟିନ ସହିତ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଆପଣଙ୍କ ଶରୀରର କ୍ଲାନ୍ତି ଏବଂ ଦୁର୍ବଳତା ଦୂର କରିବାରେ ସାହାଯ୍ୟ କରିପାରେ । ଏତିକି ନୁହେଁ ରକ୍ତଚାପ ରୋଗୀଙ୍କ ପାଇଁ ବେଶ୍ ଫଳପ୍ରଦ ହୋଇଥାଏ ।

◆ ତେଣୁ ଯଦି ଆପଣ ଏହି ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ କଞ୍ଚା ପନିର ଖାଇବା ଲିଷ୍ଟରେ ଆଡ୍ କରନ୍ତୁ । କିନ୍ତୁ ହଁ ଅଣ୍ଡା ପନିର ଖରାପ ହୋଇ ନଥିବା ଆବଶ୍ୟକ । ସେଥିପ୍ରତି ଧ୍ୟାନ ଦେବା ଜରୁରୀ । ତାଜା ପନିର ସୁସ୍ଥ ଶରୀର ପାଇଁ ଉପଯୋଗୀ । ପନିର ଖାଇବା ପୂର୍ବରୁ ଭଲ ପାଣିରେ ଧୋଇ ଦିଅନ୍ତୁ । ଅଧିକ ପନିର ଖାଆନ୍ତୁ ନାହିଁ କାରଣ ଏହା ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରିପାରେ ।

ବଲିଉଡ୍‌ର ଷ୍ଟାର କଲଚରକୁ ନେଇ ବିରକ୍ତି ହୋଇଥିଲେ ଶାହରୁଖ

ବଲିଉଡର ଷ୍ଟାର କଲଚରକୁ ନେଇ ଅନେକ ସମୟରେ ଲୋକେ ସମାଲୋଚନା କରନ୍ତି । ଅନେକ ଥର ସୋସିଆଲ ମିଡ଼ିଆରେ ଲୋକେ ଷ୍ଟାରଙ୍କୁ ନଖରାମି ଦେଖାଇବା ପାଇଁ ଟ୍ରୋଲ୍ ମଧ୍ୟ କରନ୍ତି । ଶାହରୁଖ ଖାନ ମଧ୍ୟ ଥରେ ବଲିଉଡର ଷ୍ଟାର କଲଚରର ସମାଲୋଚନା କରିଥିଲେ । ଏହି କଥା ସେହି ସମୟର ଯେବେ ଶାହରୁଖ ଖାନ ମୁମ୍ବାଇରେ ନିଜର ପ୍ରଥମ ଫିଲ୍ମ ଦିୱାନାର ସୁଟିଂ କରୁଥିଲେ । ଶାହରୁଖ ଖାନ କହିଥିଲେ ଯେ,ତାଙ୍କ ଏହି ଷ୍ଟାର କଲଚର ବୁଝାପଡୁ ନାହିଁ । ସେ ହଲିଉଡ୍ ସହ ତୁଳନା କରି କହିଥିଲେ । ୧୯୯୨ ରେ ଶାହରୁଖ ଖାନଙ୍କ ଫିଲ୍ମ ଦିୱାନା ରିଲିଜ ହୋଇ ଥିଲା । ଏହାକୁ ଠିକ୍ ବର୍ଷେ ପୂର୍ବେ ୧୯୯୧ରେ Stardust କୁ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଶାହରୁଖ ଖାନ ଷ୍ଟାର କଲଚରର ସମାଲୋଚନା କରିଥିଲେ । ସେ କହିଥିଲେ ମୁମ୍ବାଇରେ ସୁଟିଂ କରିବାର ଗୋଟେ ମାସ ଭିତରେ ତାଙ୍କ କର୍ମଚାରୀମାନେ ତାଙ୍କର ଚା କପ ଧରିବାକୁ ଚାହୁଁଛନ୍ତି । ତାଙ୍କର ଜୋତାର ଫିତା ବାନ୍ଧିବାକୁ ଚାହାଁନ୍ତି । ଶାହରୁଖ ଖାନ କହିଥିଲେ – ମୁଁ ମୁମ୍ବାଇରେ ଗତ ମାସେ ହେବ ସୁଟ୍ କରୁଛି । ହଠାତ୍ ଲୋକେ ମୋର ଚା ଧରିବାକୁ ଚାହୁଁଛନ୍ତି । ମୋ ଜୋତାର ଫିତା ବାନ୍ଧିବାକୁ ଚାହୁଁଛନ୍ତି । ମୋ ମୁଣ୍ଡ ଉପରେ ଛତା ଧରି ଠିଆ ହେବାକୁ ଚାହାଁନ୍ତି । କାହିଁକି ? ମୁଁ ପାଗଳ ନୁହେଁ । ମୁଁ ଫିଲ୍ମରେ ପ୍ରବେଶ କରିବା ପୂର୍ବରୁ, ମୁଁ ମୋର ଫିତା ନିଜେ ବାନ୍ଧୁ ଥିଲି । ମୁଁ ଏବେ ବି ସେଗୁଡ଼ିକୁ ନିଜେ ବାନ୍ଧିବି । ମୋର ମନେ ଅଛି ଯେ କେହି ଜଣେ ମୋତେ କହିଥିଲେ ଯେ ଯଦି ମୋ ମେକଅପ୍ ରୁମର ଏସି କାମ କରୁନାହିଁ, ତେବେ ମୁଁ ରାଗିଯିବା ଉଚିତ , ଯଦି ମୁଁ ତାହା ନ କରେ, ତେବେ ପ୍ରଯୋଜକମାନେ ମୋତେ ହାଲୁକା ଭାବରେ ନେବେ । ମୁଁ ଭାବୁଛି ଏହା ଏଠାରେ ଏକ ଫ୍ୟାଶନ୍ । ମୁଁ କହିବାକୁ ଚାହୁଁଛି ଯେ, 'ସାତ ଜଣ ଲୋକ ଜଣେ ଅଭିନେତାଙ୍କୁ ଅନୁସରଣ କରୁଛନ୍ତି । ଜଣେ ଅଭିନେତାଙ୍କୁ ଏତେ ଲୋକଙ୍କର କାହିଁକି ଆବଶ୍ୟକତା ଅଛି ? କିନ୍ତୁ ଏହା ସାଧାରଣ ।'

ଆଲୋଭେରା ଗଛ କେଉଁ ଦିଗରେ ଲଗାଇବେ ଜାଣନ୍ତୁ....

ଆଲୋଭେରାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ ଯଥେଷ୍ଟ ରହିଥିବା ହେତୁ ଅନେକେ ଏହାକୁ ଘରେ ଲଗାଇଥାନ୍ତି । ହେଲେ ଜାଣନ୍ତି କି ବାସ୍ତୁ ଅନୁଯାୟୀ, ଯଦି ଏହି ଗଛକୁ ଠିକ୍ ଦିଗରେ ବା ଠିକ୍ ସ୍ଥାନରେ ଲଗାଯାଏ; ତା'ହେଲେ ଏହା ଘର ପାଇଁ ଅନେକ ଉନ୍ନତିର ପଥ ଖୋଲି ଦେଇଥାଏ । ଯେମିତି କି: ଏହାକୁ ଘରର ପୂର୍ବ ଦିଗରେ ଲଗାଇଲେ ମନକୁ ଶାନ୍ତି ମିଳିଥାଏ । ପରିବାରରେ ଭଲପାଇବା, ପ୍ରଗତି, ପ୍ରତିଷ୍ଠା ବଢ଼ିଥାଏ । ଆଉ ଯଦି ଏହି ଗଛକୁ ଘରର ପଶ୍ଚିମ ଦିଗରେ ଲଗାଯାଏ, ତା'ହେଲେ ପିଲାମାନଙ୍କର ପାଠ ଭଲ ହେବା ସହ ଚାକିରି ହେଉ ଅବା ବ୍ୟବସାୟରେ ଉନ୍ନତି ହୋଇଥାଏ । ଅନ୍ୟପକ୍ଷେ ଏହି ଗଛକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ମଧ୍ୟ ଲଗାଇହେବ । କିନ୍ତୁ ଭୁଲରେ ବି ଏହାକୁ ଉତ୍ତର-ପଶ୍ଚିମ ଦିଗରେ ଲଗାଇବେ ନାହିଁ । ଆବଶ୍ୟକ ପଡିଲେ ଏହି ଗଛକୁ ଘରର ବାଲକୋନି ହେଉ ଅଥବା ଡ୍ରଇଂ ରୁମ୍‌ରେ ମଧ୍ୟ ଲଗାଇହେବ । ହେଲେ ବେଡ୍‌ରୁମ୍‌ରେ ଲଗାଇବାର ଭୁଲ୍ କେବେ ବି କରିବେ ନାହିଁ, ନ ହେଲେ ଘରକୁ ମାଡ଼ିଆସିବ ବିପଦ । ସେହିପରି ଏହି ଗଛରେ ବେଶୀ ପାଣି ଦିଆଯାଏ ନାହିଁ । ଅଳ୍ପ ପାଣିରେ ବି ଏହା ବେଶ୍ ଭଲ ବଢେ ଓ ବାତାବରଣକୁ ସ୍ୱଚ୍ଛ, ସକାରାତ୍ମକ ରଖିବାରେ ସହାୟକ ହୋଇଥାଏ ।

ବିବାହର ୧୦ ବର୍ଷ ପରେ ମା' ହେବେ ଦିବ୍ୟାଙ୍କା

ବିବାହର ୧୦ ବର୍ଷ ପରେ ପ୍ରଥମ ଥର ପାଇଁ ମା' ହେବେ ଦିବ୍ୟାଙ୍କା ତ୍ରିପାଠୀ । ନିକଟରେ ସେ ତାଙ୍କର ବେବି ବମ୍ପକୁ ଧରି ବେବି ସାୱାର ପାଳନ କରୁଥିବାର ଏକ ଫଟୋ ସେୟାର କରିଛନ୍ତି । ଯାହା ସମସ୍ତଙ୍କ ହୃଦୟ ଜିତିଛି । ଯାହା ଏବେ ସୋସିଆଲ ମିଡିଆରେ ଜୋର ଧରିଛି । ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ ତାଙ୍କ ଫ୍ୟାନ୍‌ଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି । ଏହି ବେବି ବମ୍ପ ଫଟୋ ସେୟାର କରିବା ପରେ ଅଭିନେତ୍ରୀଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଛନ୍ତି । ଏହି ସେୟାର କରିଥିବା ଫଟୋରେ ଦିବ୍ୟାଙ୍କା ଲାଲ୍ ଅନାରକଲି ପିନ୍ଧିଥିବାର ଦେଖିବାକୁ ମିଳିଛି । ଏହି ସହିତ ସେ ତାଙ୍କ କେଶରେ ଗଜରା ଲଗାଇ ଟ୍ରାଡିସନାଲ ଗେଟଅପରେ ନିଜକୁ ସଜାଇଥିବା ନଜର ଆସିଛନ୍ତି ଦିବ୍ୟାଙ୍କା । ତାଙ୍କର ଏହି ବେବି ସାୱାରର ଆୟୋଜନ ଅଭିନେତ୍ରୀଙ୍କ ବନ୍ଧୁମାନଙ୍କ ଦ୍ୱାରା ହୋଇଥିବା ଜଣାପଡିଛି । ବେବି ବମ୍ପ ସହିତ ସୁନ୍ଦର ସୁନ୍ଦର ପୋଜ ମଧ୍ୟ ଦେଇଛନ୍ତି ଦିବ୍ୟାଙ୍କା । ସେହିପରି ଦିବ୍ୟାଙ୍କା ଅନାରକଲିରେ ନଜର ଆସିଥିଲାବେଳେ ତାଙ୍କ ସ୍ୱାମୀ ବିବେକ କାଜୁଆଲ୍ ଲୁକରେ ନଜର ଆସିଛନ୍ତି । ତାଙ୍କ ସ୍ୱାମୀ କାଜୁଆଲ ଲୁକରେ ନାଳ ସାର୍ଟ ଏବଂ ବେଜ୍ ପ୍ୟାଣ୍ଟ ପିନ୍ଧି ଖୁବ୍ ସୁନ୍ଦର ଦିଶୁଥିଲେ । ଏଥିସହିତ ସେୟାର ହୋଇଥିବା ଫଟୋରେ ପୂଜାବେଳେ ତାଙ୍କ ମୁଣ୍ଡରେ ଲାଲ୍ ଦୁପଟା ପିନ୍ଧିଛନ୍ତି । ଯାହା ତାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଦେଇଛି । ଏତିକି ନୁହେଁ ଅନାରକଲି ଡ୍ରେସ ସହିତ କେଶରେ ଗଜରା, କାନରେ ସୁନା କାନଫୁଲ, ଛୋଟ ବିନ୍ଦି, ସିନ୍ଦୁର ଏବଂ ଲିପଷ୍ଟିକ୍ ଲଗାଇ ନିଜର ଲେଟଅପ୍ କମ୍ପ୍ଲିଟ୍ କରିଥିଲେ ଦିବ୍ୟାଙ୍କା ।

ନୂଆ ଆଲବମ ଭେଟିଦେଲେ ଶ୍ରେୟା

ଶ୍ରେୟା ଘୋଷାଲ ଶ୍ରୋତାମାନଙ୍କୁ ଏକ ନୂଆ ଆଲବମ୍ ଭେଟି ଦେଇଛନ୍ତି, ଯାହାର ନାମ 'ଅଲ୍ ହାର୍ଟସ୍ ଟୁର୍-ଲାଇଭ୍' । ନଅଟି ଗୀତ ଥିବା ଏହି ଆଲବମ୍‌ର ବିଶେଷତ୍ୱ ହେଲା ଏଥିରେ ଥିବା ସବୁତକ ଗୀତ କନ୍‌ସର୍ଟରେ ସିଧାସଳଖ ରେକର୍ଡ କରାଯାଇଛି । କୌଣସି ଭାରତୀୟ ଗାୟିକାଙ୍କ ଏଭଳି ଲାଇଭ୍ ଆଲବମ୍ ଗତ ତିନି ଦଶନ୍ଧିରେ ଶୁଣିବାକୁ ମିଳିନଥିଲା । 'ଅଲ୍ ହାର୍ଟସ୍ ଟୁର୍'ରେ ଶ୍ରେୟା ଭାରତ ସମେତ ଦକ୍ଷିଣ ଆମେରିକା, ୟୁନାଇଟେଡ୍ କିଙ୍ଗଡମ୍, ମଧ୍ୟ ପ୍ରାଚ୍ୟ, ୟୁରୋପ ଓ ଅଷ୍ଟ୍ରେଲିଆର ୪୪ଟି ସହରକୁ ଯାଇ ସଂଗୀତ ପରିବେଷଣ କରିଥିଲେ । ଲସ୍ ଏଞ୍ଜେଲସ୍‌ର ଡଲ୍‌ବି ଥିଏଟରରେ ପ୍ରଥମ ଭାରତୀୟ କଳାକାର ଭାବେ ତଥା ଟେଟ୍ରୁଏଟ୍‌ର ଫକ୍ସ ଥିଏଟରରେ ଲତା ମଙ୍ଗେସକରଙ୍କ ପରେ ଦ୍ୱିତୀୟ କଳାକାର ଭାବେ ଗୀତ ଗାଇଥିଲେ । ଦର୍ଶକଙ୍କ ଗହଣରେ ପରିବେଷଣ ବେଳର ରେକର୍ଡିଂଗୁଡ଼ିକୁ ନେଇ ହିଁ ଉକ୍ତ ଆଲବମ୍ ପ୍ରସ୍ତୁତ କରାଯାଇଛି । ଶ୍ରେୟା କହିଛନ୍ତି ଯେ ତାଙ୍କ ଯାତ୍ରାର ଅଂଶ ହୋଇଥିବା ଶ୍ରୋତା, ପ୍ରଶଂସକ ତଥା ଅଂଶଗ୍ରହଣ କରି ପାରି ନ ଥିବା ସମସ୍ତଙ୍କ ପାଇଁ ଏହି ଆଲବମ୍ ଏକ ଉପହାର । ପାଞ୍ଚ ଥର ଜାତୀୟ ପୁରସ୍କାର ପାଇସାରିଥିବା ଶ୍ରେୟା ପୃଥିବୀର ସବୁଠାରୁ ଅଧିକ ଶୁଣାଯାଉଥିବା କଣ୍ଠଶିଳ୍ପୀମାନଙ୍କ ମଧ୍ୟରୁ ଜଣେ । ସେ ମାତ୍ର ଚାରି ବର୍ଷ ବୟସରୁ ଶାସ୍ତ୍ରୀୟ ସଂଗୀତ ଶିଖିବା ଆରମ୍ଭ କରିଥିଲେ ଏବଂ 'ସା ରେ ଗା ମା ପା' ରିଆଲିଟି ସୋ'ର ବିଜେତା ହେବା ପରେ ୨୦୦୨ ମସିହାରେ 'ଦେବଦାସ' ଚଳଚ୍ଚିତ୍ରରୁ ତାଙ୍କର ଈର୍ଷଣୀୟ ପ୍ଲେବ୍ୟାକ କଣ୍ଠଶିଳ୍ପୀ କ୍ୟାରିଅର ଆରମ୍ଭ ହୋଇଥିଲା । ଇତିମଧ୍ୟରେ ସେ କୋଡ଼ିଏଟି ଭାଷାରେ ୩୫୦୦ରୁ ଅଧିକ ଗୀତ ଗାଇସାରିଲେଣି ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୯ ମାର୍ଚ୍ଚ ୨୦୨୬

ଜଳିବା ଓ ଜାଳିବା

ସ୍ୱର୍ଗଦ୍ୱାର ଠାରେ କୌଣସି ପ୍ରିୟଜନର ଶବକୁ ପୂରା ଜଳିବା କଥା ଦେଖୁଥିବା ଭିତରେ ନିଜ ସହ ଗପିବାକୁ ଲମ୍ୱା ସମୟ ମିଳେ। ମୁଖାଗ୍ନି ଦେଇ କର୍ତ୍ତା ଏକମୁହାଁ ହେଇ ଚାଲି ଯାଇ ସାରିଥାଏ। ପେସାଦାର ପୋଡ଼ାଳି, କାଠକୁ କେଚାଂକେଚିଂ କରି ନିସ୍ତେଜ ଶବକୁ ନିଆଁର ଆୟତ୍ତରେ ରଖିବାର 'ଆବଷ୍ଟ୍ରାକ୍ଟ ସ୍କେଚ୍' ସବୁ ଆଙ୍କୁଥାଏ। ଯେମିତି, ବାଉଁଶ ଖଣ୍ଡଟା ତା'ର ତୂଳୀ ! ନିଜକୁ ମୁଁ ପଚାରୁଛି, ନିଜ ଶବଦାହ ବେଳେ ମୁଖାଗ୍ନି ପାଇଁ ପୁଅ ଠିକଣା ସମୟରେ ପହଚିଂ ପାରିବ ତ ? ଯୁଦ୍ଧ ତ ଶେଷ ହେବାଭଳି ଦିଶୁନାହିଁ ! ଏତେ ଆତ୍ମକେନ୍ଦ୍ରିକ କାହିଁକି ହେଇଯାଉଛି ମୁଁ ? ତା' ବି ସ୍ୱର୍ଗଦ୍ୱାର ଠାରେ ! ଅବଶ୍ୟ, ମୋ ପାଇଁ କେଉଁମାନେ ସବୁ କାନ୍ଦିବେ, ସେମାନଙ୍କର ତାଲିକା ତିଆରି କରୁନି। ରବିନ୍ ଶର୍ମାଙ୍କ ବହି 'ହୁ ଉଇଲ୍ କ୍ରାଏ, ହ୍ୱେନ୍ ଇଉ ଡାଏ' ('ତମେ ମଲାପରେ କେଉଁମାନେ କାନ୍ଦିବେ')କୁ ଆଗରୁ 'ବାଃ ବାଃ' କହୁଥିଲି। ଏବେ ଅପରିପକ୍ୱ ଓ ଅଗଭୀର ଲାଗୁଛି। ଆଚ୍ଛା, କେବଳ ପୁଅ ହିଁ ମୁଖାଗ୍ନି ଦେବା ଜରୁରି କାହିଁକି ? ଅନ୍ୟ କେହି କାହିଁକି ପାରିବନି ? ପୁଣି, ମୁଖାଗ୍ନି ଅବା ଦରକାର କାହିଁକି ? ଧୃତରାଷ୍ଟ୍ରଙ୍କ ପରି ଧ୍ୟାନରେ ବସି ବନାଗ୍ନିରେ ଜଳିଗଲେ ? କୃଷ୍ଣଙ୍କ ପରି ଅର୍ଜୁନ ଠାରୁ ମୁଖାଗ୍ନି ପାଇଲେ ? ଭୀଷ୍ମ, କୌରବ ସବୁ ଏବଂ କର୍ଣ୍ଣ ଯେମିତି ଯୁଧିଷ୍ଠିରଙ୍କ ଠାରୁ ପାଇଲେ, ସେମିତି ? ଦ୍ରୌପଦୀ ଓ ଶେଷ ଚାରି ଜଣ ପାଣ୍ଡବମାନଙ୍କ ପରି ହଠାତ୍ ଅଦୃଶ୍ୟ ହେଇଗଲେ ? ଯୁଧିଷ୍ଠିରଙ୍କ ପରି ଆଦୌ ନ ମଲେ ? ମହାଭାରତର ମହାପ୍ରସ୍ଥାନିକ ପର୍ବରେ ପଚଂପାଣ୍ଡବ ଓ ପାଚାଂଳୀଙ୍କ ମହାପ୍ରସ୍ଥାନ ଏକାବେଳକେ ଅବିଶ୍ୱସନୀୟ ଓ ଅବିସ୍ମରଣୀୟ। ସବୁଠାରୁ ଆଗରେ ଯାଉଥାଆନ୍ତି ଯୁଧିଷ୍ଠିର, ପରେ ବୟସ କ୍ରମରେ ଅନ୍ୟ ଚାରି ଭାଇ ଓ ଦ୍ରୌପଦୀ। ସାଙ୍ଗରେ ସପ୍ତମ ଜୀବ, ଗୋଟେ କୁକୁର। କିନ୍ତୁ ପ୍ରଥମେ ପ୍ରସ୍ଥାନ ଘଟେ ଯଜ୍ଞାଗ୍ନିରୁ ଜନ୍ମା ଦ୍ରୌପଦୀଙ୍କର। ତାଙ୍କ ଶବସତ୍କାର କଥା କିଛି କୁହାଯାଏନି। ଏଭଳି ଶବ୍ଦଶୂନ୍ୟତା ମଧ୍ୟ ସହଦେବ, ନକୁଳ, ଅର୍ଜୁନ ଓ ଭୀମଙ୍କ ଅବର୍ତ୍ତମାନରେ ଦେଖାଯାଏ। ଉତ୍କଣ୍ଠିତ ଭୀମଙ୍କୁ, ଅନାତଙ୍କିତ ଯୁଧିଷ୍ଠିର ସହଜ କାରଣ କହନ୍ତି- ଦ୍ରୌପଦୀଙ୍କର ଅର୍ଜୁନ ପ୍ରତି ଆସକ୍ତି; ଅନ୍ୟମାନଙ୍କର ଯଥାକ୍ରମେ ଜ୍ଞାନ, ସୌନ୍ଦର୍ଯ୍ୟ, ବୀରତାର ଗର୍ବ; ଭୀମଙ୍କର ବଳର ଗର୍ବ। କେବଳ ନିରହଙ୍କାରୀ ଯୁଧିଷ୍ଠିର ସ୍ୱଶରୀରରେ ସ୍ୱର୍ଗଦ୍ୱାର ଠାରେ ପହଚଂନ୍ତି। ସାଂଗରେ ଆସିଥିବା କୁକୁରର ସ୍ୱର୍ଗପ୍ରବେଶ ନେଇ ଇନ୍ଦ୍ରଙ୍କ ଆପତ୍ତି ବିଫଳ ହୁଏ। କୁକୁରଟି ବଦଳିଯାଏ ଧର୍ମରାଜଙ୍କୁ ଏବଂ ଯୁଧିଷ୍ଠିର ସ୍ୱଶରୀରରେ ସ୍ୱର୍ଗପ୍ରାପ୍ତିର ଆଧିଭୌତିକ କିଂବଦନ୍ତିଟିଏକୁ ପାଲଟିଯାନ୍ତି। ମନେହୁଏ, ମହାଭାରତର ମୁଖ୍ୟ ଚରିତ୍ର ସବୁକୁ ଏମିତି ବର୍ଣ୍ଣନାହୀନତାରେ ସାରିଦେବାରେ ବ୍ୟାସ ନିଜେ ନୁହନ୍ତି; ନାନା ମୁନିଙ୍କ ନାନା ପ୍ରକାରେ ମନେ ପକେଇବା,ଏଥି ପାଇଁ ଦାୟୀ। ଏଣେ, ଗପର ଯଦି ପୁନର୍କଥନ ନ ହୁଏ, ତାହା ଅବା କି ଗପ ! ଭାବୁଛି, ଦ୍ରୌପଦୀ ଓ ଚାରି ପାଣ୍ଡବଙ୍କ ବର୍ଣ୍ଣନାଶୂନ୍ୟ ମୃତ୍ୟୁ ପ୍ରତୀକାତ୍ମକ ! ବୟସ ବଢ଼ିବା ସହ ଆମ ଭିତରୁ କାମ ବାସନା, ଭବିଷ୍ୟତ ଜ୍ଞାନ, ଦୃଷ୍ଟି ଶକ୍ତି ଓ କୁଶଳତା, ଶାରୀରିକ ସାମର୍ଥ୍ୟ ପ୍ରାୟ ଏଇ କ୍ରମରେ ଉଭେଇ ଯାଆନ୍ତିନି କି ? ଯାହା ଶେଷକୁ ରହିଯାଏ, ତାହା ମଣିଷର ନ୍ୟାୟୋଚିତ ମନ ଓ ଆଧିଭୌତିକ ଆସ୍ଥା। ଯଥାକ୍ରମେ ଯୁଧିଷ୍ଠିରଙ୍କର ଓ କୁକୁରର କିଂବଦନ୍ତୀୟ ଭିନ୍ନ ରୂପ। ଶବଦାହ ସମୟରେ ଗପ ଓ ଅଗପ, ପ୍ରତୀକ ଓ ପ୍ରତୀତ, ସମ୍ଭାବନା ଓ ସତ ଭିତରେ, ସତରେ ପାର୍ଥକ୍ୟ ରହେନାହିଁ। ଚାରିଆଡ଼େ ଜୁଇ; ନିଆଁ ଲିଭୁନାହିଁ। ରାଧାନାଥ ରାୟଙ୍କ ଅସଂପୂର୍ଣ୍ଣ କାବ୍ୟ 'ମହାଯାତ୍ରା' କଥା ମନକୁ ଆସୁଛି, ଯାହା ପାଣ୍ଡବମାନଙ୍କର ଏହି ମହା-ଅଦୃଶ୍ୟତାକୁ ନେଇ। ତିରିଶି ସର୍ଗର ପରିକଳ୍ପନା ଥିଲା; କିନ୍ତୁ ୧୮୯୬ରେ କନିକା ରାଜମାତା କୃଷ୍ଣପ୍ରିୟା ପାଟମହାଦେଇ କେବଳ ସାତଟି ସର୍ଗ ପ୍ରକାଶ କରେଇଥିଲେ। କବିଙ୍କ ଠାରୁ ପା଼ଁ ବର୍ଷ ସାନ ତାଙ୍କର 'ହୃଦୟବନ୍ଧୁ' ମଧୁସୂଦନ ରାଓ ମୁଖବନ୍ଧ ଲେଖିଥିଲେ। କବି ନିଜେ ରାଣୀଙ୍କୁ ଉତ୍ସର୍ଗ କରିବାକୁ ଚାହିଁଥିଲେ; କିନ୍ତୁ ପ୍ରକାଶିକା ଭାବେ ରାଣୀ ବହିଟିକୁ କଟକର କମିସନର ରମେଶଚନ୍ଦ୍ର ଦତ୍ତଙ୍କୁ ଅର୍ପଣ କଲେ। ଚଉଦ ଅକ୍ଷରର ଅମିତ୍ରାକ୍ଷର ଛନ୍ଦରେ 'କବିବର' ପାଣ୍ଡବମାନଙ୍କୁ ନୀଳାଚଳକୁ ଆଣିଛନ୍ତି; ମୟୂରଭଞ୍ଜ, ବାମଣ୍ଡାର ରାଜା, ଜବଲପୁର, କାଶ୍ମୀର, ଲାହୋର, ଯବନମାନଙ୍କ ହାତରେ ଭାରତର ଭାଗ୍ୟ ଓ ଭବିଷ୍ୟତ ଆଦି କଥା ଲେଖିଛନ୍ତି। ସପ୍ତମ ସର୍ଗ ଅଚାନକ ଭାବରେ ଜୟଚନ୍ଦ୍ର, ସଂଯୁକ୍ତା, ପୃଥ୍ୱୀରାଜ ଚୌହାନଙ୍କ କଥାରେ ଶେଷ ହୁଏ। ପ୍ରତି ସର୍ଗରେ ଅଛି ଅଗ୍ନିର ଆତୁରତା। ଶେଷ ଧାଡ଼ି ଏମିତି: ''ଅଗ୍ନି ଇଚ୍ଛାମତେ, ସ୍ୱପ୍ନ ଯଥା ଜାଗରଳେ।'' ୧୮୯୯ରେ ଇଂରେଜ ସରକାରଙ୍କ କଡ଼ା ନିର୍ଦ୍ଦେଶ ଆସେ, ପଚଂମ ସର୍ଗର ଇଂରେଜ ବିରୋଧୀ ଅଂଶତକ କାଟିଦେବାକୁ। ସାଧାରଣ ମଣିଷ ଦେହକୁ ଯେତେ ଭଲପାଏ, କବି ଓ ଗାଳ୍ପିକ ନିଜ ଲେଖାକୁ ତା'ଠାରୁ ଅଧିକ ଭଲପାଆନ୍ତି। ଦୁର୍ବଳ ସ୍ୱାସ୍ଥ୍ୟର କବି ଦୁର୍ଶ୍ଚିନ୍ତାରେ ଜଳି, ସେଇ ବର୍ଷ ଡିସେମ୍ବରରେ କଟକର କାଳୀଗଳି ଘର ଅଗଣାରେ 'ମହାଯାତ୍ରା'ର ପରବର୍ତୀ ପାଚଂ ସର୍ଗର ପାଣ୍ଡୁଲିପି ଓ ଅଠର ସର୍ଗର ଖସଡ଼ା ନିଜେ ଜାଳିଦେଲେ, ପରିବାର ଲୋକେ ପୋଡ଼ଁଥିବା ନିଆଁରେ ଏବଂ କାନ୍ଦିଲେ। ପୁଅ ଶଶିଭୂଷଣ ଆସି ପହଚିଂଯିବାରେ ମିଛ କହିଲେ- 'ଆଖିରେ ଧୂଆଁ ଲାଗିଛି।' ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥପ୍ରସାଦ ଦାସଙ୍କର ଏକ ନିଃଶ୍ୱାସରେ ପଢ଼ିହେଲା ଭଳି ବହି 'ଦେଶ କାଳ ପାତ୍ର'ରେ ଏହି ଘଟଣାକୁ ସେ ଏମିତି ଲେଖିଛନ୍ତି ଯେ, ମନେ ହେବ, ମଣିଷର ନିଆଁ ଆବିଷ୍କାର ଠାରୁ ବି ଅଧିକ ବିସ୍ମୟକର, ନିଆଁରେ 'ନିଜ'କୁ ପୋଡ଼ିଦେବାର ଏକ ଅବଚେତନ ଆବେଗ। ଏମିତି ଅନ୍ତର୍ଜ୍ୱଳନର ଅନ୍ୟ ଏକ ଘଟଣା ଘଟିଥିଲା ୧୮୫୨ ଫେବ୍ରୁଆରିର ଏକ ଶୀତୁଆ ରାତିରେ। ମୃତ୍ୟୁ ଯାଏଁ ଅବିବାହିତ ରୁଷ୍ ଲେଖକ ନିକୋଲାଇ ଗୋଗୋଲ ତାଙ୍କର 'ଡେଡ୍ ସୋଲ୍ସ' ('ମୃତ ଆତ୍ମାସବୁ')ର ଦ୍ୱିତୀୟ ଭାଗର ପାଣ୍ଡୁଲିପିକୁ ନିଆଁରେ ଜାଳି ଦେଇ ଭେଁ ଭେଁ ହେଇ କାନ୍ଦିଥିଲେ। ମଣିଷ କାହିଁକି ତା'ର ନଶ୍ୱର ଦେହକୁ ଏମିତି ଭଲପାଏ ଯେ, ନିଜର ଜଳିବା-ଜାଳିବା ନେଇ ଏତେ କଷ୍ଟ ପାଏ ! ନିଜ କଳ୍ପିତ ଗୋଟେ ନିଆଁରେ କାହିଁକି ଅହରହ ତୁଚ୍ଛାଟାରେ ଜଣେ ଜଳେ ଏବଂ ନିଜକୁ ଜାଳେ ?



ଉଡ଼ାଣରେ ଶୋଷଣ

ମନେକର ଶସ୍ତା ଇକୋନୋମି ଶ୍ରେଣୀରେ ଯାତ୍ରା କରୁଥିବା ଏକ ଦଂପତି ପାଖାପାଖି ଆସନରେ ବସିବା ପାଇଁ ପସନ୍ଦ କଲେ। ସେମାନଙ୍କ ପସନ୍ଦ ଅନୁସାରେ ସେମାନଙ୍କୁ ପାଖାପାଖି ଆସନ ଯୋଗାଇ ଦେବା ପାଇଁ ଏଆରଲାଇନ୍ସ ସେମାନଙ୍କ ଠାରୁ ଏକ ଅତିରିକ୍ତ ଦେୟ ଆଦାୟ କରିଥାଏ। ନଚେତ ସେମାନଙ୍କୁ ଅଲଗା ଅଲଗା ଧାଡ଼ିରେ ବସାଇ ଦିଆଯାଏ। ସେଇଭଳି ଝରକା ପାଖ ଆସନ କିମ୍ବା ସମ୍ମୁଖ ଭାଗରେ ଥିବା ଆସନ ପାଇଁ ଯାତ୍ରୀମାନଙ୍କ ଠାରୁ ଅଧିକ ମୂଲ୍ୟ ଆଦାୟ କରାଯାଇଥାଏ। ନିରୁପାୟ ଯାତ୍ରୀମାନେ ଇକୋନୋମି ଶ୍ରେଣୀରେ ଯାତ୍ରା କରୁଥିଲେ ହେଁ ସେମାନଙ୍କୁ ବସ୍ତୁତଃ ପ୍ରିମିଅମ୍ ଶ୍ରେଣୀର ମୂଲ୍ୟ ଦେବାକୁ ପଡ଼ିଥାଏ। ସେମାନେ ଏହାକୁ ମୁଣ୍ଡପାତି ସହିଯାଆନ୍ତି, କାରଣ ଜୋନ୍ ରବିନ୍ସନ୍ କହିଥିବା ଭଳି ଏଠାରେ ଏଭଳି ଶୋଷିତ ହେବାଠାରୁ ଆଦୌ ଶୋଷିତ ନ ହେବା ଅର୍ଥାତ୍ ଆଦୌ ଯାତ୍ରା ନ କରିବା କିମ୍ବା ପତି-ପତ୍ନୀ ପାଖାପାଖି ନ ବସିବା ବହୁ ଅଧିକ କଷ୍ଟଦାୟକ ହୋଇଥାଏ। ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥାର ବିରୋଧୀମାନେ ଚିରାଚରିତ ଭାବରେ ଏହାକୁ ଏକ ଶୋଷଣଭିତ୍ତିକ ବ୍ୟବସ୍ଥା ରୂପେ ସମାଲୋଚନା କରିଥାନ୍ତି। ଏଇ ବ୍ୟବସ୍ଥ ?ାରେ ପୁଞ୍ଜିର ମାଲିକ ବା ପୁଞ୍ଜିପତିମାନେ କିମ୍ବା ଅନ୍ୟ ଭାଷାରେ ଉଦ୍ୟୋଗପତିମାନେ ସମାଜର ଅନ୍ୟ ସଦସ୍ୟମାନଙ୍କୁ ଶୋଷଣ କରିବାରେ ଲାଗିଥାନ୍ତି ବୋଲି ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥାଏ। ବିଂଶ ଶତାବ୍ଦୀର ସୁପ୍ରସିଦ୍ଧା ବ୍ରିଟିସ୍ ଅର୍ଥନୀତିଜ୍ଞା ଜୋନ୍ ରବିନ୍ସନ୍ ପୁଞ୍ଜିବାଦର ଏଇ ସମାଲୋଚକମାନଙ୍କ ସହିତ ଦ୍ୱିମତ ନ ଥିଲେ। ସେ କିନ୍ତୁ ଯେଉଁଭଳି ଚଟୁଳ ଶୈଳୀରେ ସେମାନଙ୍କ ସହିତ ନିଜର ସହମତି ପ୍ରକାଶ କରିଥିଲେ, ତାହା ଅର୍ଥଶାସ୍ତ୍ର ପରିସରରେ ଏକ କିଂବଦନ୍ତି ରୂପେ ଏବେ ବି ଆଦୃତ ହେବା ଦେଖାଯାଇଥାଏ। ଜୋନ୍ ରବିନ୍ସନ୍ କହିଥିଲେ: ''ପୁଞ୍ଜିପତିମାନଙ୍କ ଦ୍ୱାରା ଶୋଷଣ ଯୋଗୁଁ ସୃଷ୍ଟି ହେଉଥିବା ଦୁର୍ଦ୍ଦଶା ସେମାନଙ୍କ ଦ୍ୱାରା ଆଦେ ? ଶୋଷିତ ନ ହେବା ଜନିତ ଦୁର୍ଦ୍ଦଶା ତୁଳନାରେ କିଛି ନୁହେଁ।'' ପୁଞ୍ଜିବାଦ ସମ୍ବନ୍ଧରେ ରବିନ୍ ?ସନ୍ଙ୍କର ସେଇ ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି କିପରି ଶତାବ୍ଦୀର ସୀମାରେଖା ଅତିକ୍ରମ କରି ଆଜି ବି ତା'ର ପ୍ରାସଙ୍ଗିକତା ହରାଇ ନାହିଁ, ତାହା ଭାରତୀୟ ବିମାନ ଯାତ୍ରା ବ୍ୟବସାୟ କ୍ଷେତ୍ରରେ ସରକାର କରିଥିବା ଏକ ସଦ୍ୟ ନିୟନ୍ତ୍ରଣମୂଳକ ହସ୍ତକ୍ଷେପରୁ ସାବ୍ୟସ୍ତ ହୋଇଥାଏ। ଏକ ପୁଞ୍ଜିବାଦୀ ବଜାର ଅର୍ଥନୀତିରେ ଯେ ଶୋଷଣର ଆବିର୍ଭାବ ଘଟିବାର ଦୃଢ଼ ସମ୍ଭାବନା ରହିଥାଏ, ଅର୍ଥଶାସ୍ତ୍ରର ଜନ୍ମ କାଳରୁ ସେ ସମ୍ବନ୍ଧରେ ଅର୍ଥନୀତିଜ୍ଞମାନେ ସଚେତନତା ପ୍ରକାଶ କରି ଆସିଛନ୍ତି। ଏପରିକି ଖୋଦ୍ ଅର୍ଥଶାସ୍ତ୍ରର ଜନକ ରୂପେ ବିବେଚିତ ଆଡାମ ସ୍ମିଥ ଏହା ହୃଦୟଙ୍ଗମ କରି ଏହି ସମସ୍ୟା ପାଇଁ ଏକ ନିଦାନ ମଧ୍ୟ ଆବିଷ୍କାର କରିଥିଲେ। ସେଇ ନିଦାନଟି ହେଲା : ପ୍ରତିଯୋଗିତା। ଏକ ବଜାରରେ ଯଦି ପୂର୍ଣ୍ଣ ଓ ଅବାଧ ପ୍ରତିଯୋଗିତା ବିରାଜମାନ କରୁଥାଏ ସେଠାରେ କୌଣସି ପ୍ରକାର ଶୋଷଣ ସମ୍ଭବ ହୋଇ ନ ଥାଏ। ଯେତେବେଳେ ଏକ ବଜାରରେ ଏପରି ବହୁଳ ସଂଖ୍ୟାରେ କ୍ରେତା ଓ ବିକ୍ରେତାମାନେ ଉପସ୍ଥିତ ଥାଆନ୍ତି ଯେ କୌଣସି ବିକ୍ରେତା କିମ୍ବା କୌଣସି କ୍ରେତା ବଜାରର ଏକ ବିଶେଷ ଅଂଶ ନିୟନ୍ତ୍ରଣ କରି ନ ଥାଏ, ସେତେବେଳେ ଲାଭଖୋରି ମାଧ୍ୟମରେ ଗ୍ରାହକମାନଙ୍କର ଶୋଷଣ ଆଦୌ ସମ୍ଭବ ହୋଇ ନ ଥାଏ। ଯଦି କୌଣସି ଏକ ବିକ୍ରେତା ସଂପୃକ୍ତ ଦ୍ରବ୍ୟ ବା ସେବାକୁ ଚଢ଼ା ଦରରେ ବିକ୍ରି କରି ଅଧିକ ଲାଭ କରିବାକୁ ଚେଷ୍ଟା କରେ, ତା'ର ସମସ୍ତ ଗ୍ରାହକ ତାକୁ ଛାଡ଼ି ତା'ର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଖକୁ ଚାଲିଯାଇଥାନ୍ତି। ଦ୍ରବ୍ୟ ବା ସେବାର ମୋଟ ଯୋଗାଣର ଏପରି ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ତା'ର ନିୟନ୍ତ୍ରଣରେ ଥାଏ ଯେ ସେ ତାହାକୁ ବନ୍ଦ କରିଦେଇ ବଜାରରେ ଏକ କୃତ୍ରିମ ଅଭାବ ସୃଷ୍ଟି କରି ଗ୍ରାହକମାନଙ୍କୁ ତା' ପାଖକୁ ଫେରିଆସି ଚଢ଼ା ଦରରେ କ୍ରୟ କରିବାକୁ ବାଧ୍ୟ କରିପାରି ନ ଥାଏ। କିନ୍ତୁ ଏକ ବଜାରରେ ପ୍ରତିଯୋଗିତା ଯଦି ଅପୂର୍ଣ୍ଣ ଶ୍ରେଣୀର ହୋଇଥାଏ ଓ ଜଣେ କିମ୍ବା ଅଳ୍ପ କେତେଜଣ ବିକ୍ରେତା ବଜାର ଅର୍ଥାତ୍ ଯୋଗାଣର ବିଶେଷ ଅଂଶ ନିୟନ୍ତ୍ରଣ କରୁଥାନ୍ତି, ତା' ହେଲେ ସେମାନେ ଲାଭଖୋର ଆଚରଣ ପ୍ରଦର୍ଶନ କରି ଉଚିତ ଦରଠାରୁ ଅଧିକ ଦରରେ ସଂପୃକ୍ତ ଦ୍ରବ୍ୟ ବା ସେବାଟିକୁ ବିକ୍ରୟ କଲେ ମଧ୍ୟ ଗ୍ରାହକମାନେ ନିରୁପାୟ ହୋଇ ତାହା କ୍ରୟ କରନ୍ତି ଓ ଶୋଷଣର ଶିକାର ହୁଅନ୍ତି। କାରଣ, ସେମାନଙ୍କ ପାଇଁ ଯେଉଁ ଦୁଇଟି ବିକଳ୍ପ ଉପଲବ୍ଧ ଥାଏ, ତାହା ହେଲା : ଦ୍ରବ୍ୟ ବା ସେବାଟିକୁ ଚଢ଼ା ଦରରେ କ୍ରୟ କରି ଶୋଷିତ ହୁଅ କିମ୍ବା ତାହା ଆଦୌ କ୍ରୟ ନ କରି ତାହାର ଉପଭୋଗରୁ ବଚିଂତ ହୁଅ କିନ୍ତୁ ଶୋଷଣରୁ ଦୂରରେ ରୁହ। ଯଦି ସଂପୃକ୍ତ ଦ୍ରବ୍ୟ ବା ସେବା ଅତ୍ୟାବଶ୍ୟକ ଶ୍ରେଣୀର ହୋଇଥାଏ, ତେବେ ସେଠାରେ ଜୋନ୍ ରବିନ୍ସନ୍ଙ୍କର ଉପରୋକ୍ତ ମନ୍ତବ୍ୟ କିପରି ସତ୍ୟ ସାବ୍ୟସ୍ତ ହୋଇଥାଏ, ତାହା ଜଳଜଳ ହୋଇ ଦେଖାଯାଇଥାଏ। ପୁଞ୍ଜିପତି ବିକ୍ରେତା ଦ୍ୱାରା ଶୋଷିତ ହେବା ଠାରୁ ଦ୍ରବ୍ୟ ବା ସେବାଟିର ଉପଭୋଗରୁ ବଚିଂତ ହେବା ବହୁ ଅଧିକ କଷ୍ଟଦାୟକ ହୋଇଥାଏ। ଯେମିତି ବର୍ତ୍ତମାନ ଭାରତରେ ବିମାନ ଯାତ୍ରା ବ୍ୟବସାୟରେ ଦେଖାଯାଉଛି। ନିକଟ ଅତୀତରେ ଦେଶରେ ବିମାନ ଯାତ୍ରା ସଂଖ୍ୟାରେ କିଭଳି ବିସ୍ଫୋରକ ବୃଦ୍ଧି ଘଟିଛି, ତାହା କାହାରିକୁ ଅବିଦିତ ନୁହେଁ। କିନ୍ତୁ ସେ ବଜାରର ଚାହିଦା ପାର୍ଶ୍ୱରେ ଅସଂଖ୍ୟ ଗ୍ରାହକ ଉପସ୍ଥିତ ଥିବାବେଳେ, ଯୋଗାଣ ପାର୍ଶ୍ୱ ପ୍ରାୟ ସଂପୂର୍ଣ୍ଣ ରୂପେ ଗୋଟିଏ ଦୁଇଟି ବିକ୍ରେତାଙ୍କ ଏକଚାଟିଆ ନିୟନ୍ତ୍ରଣରେ ରହିଛି। ଏହାର ପ୍ରମାଣ ସ୍ୱରୂପ ଦେଶରେ ବିମାନ ଯାତ୍ରା ବଜାରର ପ୍ରାୟ ୬୫ ଶତାଂଶ ସର୍ବବୃହତ୍ ଏଆରଲାଇନ୍ସ 'ଇଣ୍ଡିଗୋ'ର ନିୟନ୍ତ୍ରଣରେ ଥିବାବେଳେ, ଦ୍ୱିତୀୟ ସ୍ଥାନରେ ଥିବା 'ଏଆର ଇଣ୍ଡିଆ' ନିୟନ୍ତ୍ରଣରେ ରହିଛି ବଜାରର ପ୍ରାୟ ୧୫ ଶତାଂଶ। ବଜାରର ବାକି ୨୦ ଶତାଂଶରେ ଚାରି ପାଚଂଟି ଛୋଟଛୋଟ ଏଆର୍ରଲାଇନ୍ସ ସକ୍ରିୟ ଅଛନ୍ତି। ବିମାନ ଯାତ୍ରା ବଜାରରେ ଏପରି ପ୍ରତିଯୋଗିତାର ଅନୁପସ୍ଥିତି ଯୋଗୁଁ ଗ୍ରାହକ-ଯାତ୍ରୀମାନେ ଯେପରି ଶୋଷଣର ଶିକାର ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ସରକାରୀ ନିୟନ୍ତ୍ରକ ସଂସ୍ଥା 'ଡିଜିସିଏ' ସଜାଗ ଥିଲେ ହେଁ, ନାଚାର ଗ୍ରାହକମାନଙ୍କୁ ଶୋଷଣ କରିବା ପାଇଁ ଏକାଧିପତି ଏଆରଲାଇନ୍ ସମାନେ ସର୍ବଦା ନୂଆନୂଆ କୌଶଳ ଉଦ୍ଭାବନ କରିବାରେ ଲାଗିଥାନ୍ତି। ଏଇଭଳି ଏକ ଅଭିନବ ଶୋଷଣ କୌଶଳ ହେଉଛି ଆସନ ପସନ୍ଦ ପ୍ରତି ଲାଗୁ କରାଯାଉଥିବା ଅତିରିକ୍ତ ମୂଲ୍ୟ। ଦେଶର ପ୍ରତ୍ୟେକ ବିମାନ ଯାତ୍ରୀ ଭୁକ୍ତଭୋଗୀ ହୋଇଥିବା ଏଇ କୌଶଳ ହେଉଛି ଚୁମ୍ବକରେ ନିମ୍ନୋକ୍ତ ଭଳି। ସାଧାରଣତଃ ଦେଶ ଭିତରେ ଯାତ୍ରା କରୁଥିବା ଏକ ବିମାନର ଆସନଗୁଡ଼ିକୁ ମୂଲ୍ୟ ଅନୁସାରେ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ : ଶସ୍ତା ଇକୋନୋମି ଓ ମହର୍ଗ ପ୍ରିମିଅମ୍। ମନେକର ଶସ୍ତା ଇକୋନୋମି ଶ୍ରେଣୀରେ ଯାତ୍ରା କରୁଥିବା ଏକ ଦଂପତି ପାଖାପାଖି ଆସନରେ ବସିବା ପାଇଁ ପସନ୍ଦ କଲେ। ସେମାନଙ୍କ ପସନ୍ଦ ଅନୁସାରେ ସେମାନଙ୍କୁ ପାଖାପାଖି ଆସନ ଯୋଗାଇ ଦେବା ପାଇଁ ଏଆରଲାଇନ୍ସ ସେମାନଙ୍କ ଠାରୁ ଏକ ଅତିରିକ୍ତ ଦେୟ ଆଦାୟ କରିଥାଏ। ନଚେତ ସେମାନଙ୍କୁ ଅଲଗା ଅଲଗା ଧାଡ଼ିରେ ବସାଇ ଦିଆଯାଏ। ସେଇଭଳି ଝରକା ପାଖ ଆସନ କିମ୍ବା ସମ୍ମୁଖ ଭାଗରେ ଥିବା ଆସନ ପାଇଁ ଯାତ୍ରୀମାନଙ୍କ ଠାରୁ ଅଧିକ ମୂଲ୍ୟ ଆଦାୟ କରାଯାଇଥାଏ। ନିରୁପାୟ ଯାତ୍ରୀମାନେ ଇକୋନୋମି ଶ୍ରେଣୀରେ ଯାତ୍ରା କରୁଥିଲେ ହେଁ ସେମାନଙ୍କୁ ବସ୍ତୁତଃ ପ୍ରିମିଅମ୍ ଶ୍ରେଣୀର ମୂଲ୍ୟ ଦେବାକୁ ପଡ଼ିଥାଏ। ସେମାନେ ଏହାକୁ ମୁଣ୍ଡପାତି ସହିଯାଆନ୍ତି, କାରଣ ଜୋନ୍ ରବିନ୍ସନ୍ କହିଥିବା ଭଳି ଏଠାରେ ଏଭଳି ଶୋଷିତ ହେବାଠାରୁ ଆଦୌ ଶୋଷିତ ନ ହେବା ଅର୍ଥାତ୍ ଆଦୌ ଯାତ୍ରା ନ କରିବା କିମ୍ବା ପତି-ପତ୍ନୀ ପାଖାପାଖି ନ ବସିବା ବହୁ ଅଧିକ କଷ୍ଟଦାୟକ ହୋଇଥାଏ। ସରକାର ଏବେ ଏଇ ଏକଚାଟିଆ ଏଆରଲାଇନ୍ସମାନଙ୍କ ଦ୍ୱାରା କରାଯାଉଥିବା ଏଭଳି ଯାତ୍ରୀ-ଶୋଷଣ ପ୍ରତି ସଜାଗ ହୋଇ ତାହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ଅନୁସାରେ ଏକ ବିମାନର ୬୦ ଶତାଂଶ ଆସନ ପାଇଁ ଏଆରଲାଇନ୍ ସମାନେ କେ ?ଣସି ଅତିରିକ୍ତ ଦେୟ ଲାଗୁ କରିପାରିବେ ନାହିଁ। ଏହା ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସେ ବଜାରରେ ପ୍ରତିଯୋଗିତାର ଅଭାବ ଥିବା ପର୍ଯ୍ୟନ୍ତ, ପ୍ରଭାବଶାଳୀ ଏଆରଲାଇନ୍ ସମାନେ ଯେ ଗ୍ରାହକମାନଙ୍କୁ ଶୋଷଣ କରିବା ପାଇଁ ନୂତନ କୌଶଳମାନ ଉଦ୍ଭାବନ ଓ ପ୍ରୟୋଗ କରିଚାଲିବେ, ଏଥିରେ କୌଣସି ସନ୍ଦେହ ନାହିଁ। ସରକାରୀ ନୀତି ତେଣୁ କେବଳ ନିୟନ୍ତ୍ରଣରେ ସୀମିତ ନ ରହି ପ୍ରତିଯୋଗିତାରେ ଉନ୍ନତି ଘଟାଇବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଆଶା କରାଯାଏ।

ମନ, ବିଜ୍ଞାପନ ଓ ମନୋବିଜ୍ଞାନ

ବିଜ୍ଞାପନ ହେଉଛି ଆଶା ମୁହଁ ଦେଖୁଥିବା ଦର୍ପଣ। ସରଳ ଭାଷାରେ କହିଲେ, ଆମ ଭିତରେ ଥିବା ଅସୁମାରି ଆଶା ଏହି ଦର୍ପଣରେ ମୁହଁ ଦେଖି ତୃପ୍ତି ଅନୁଭବ କରନ୍ତି। ସାତ ଦିନରେ ଗୋରା କରିଦେବାର ପ୍ରତିଶ୍ରୁତି ଦେଉଥିବା ସାବୁନ, ୨୪ ଘଟାଂରେ ୨୪ ବର୍ଷର ମଧୁମେହ ଭଲ ହେଇଯିବାର ପ୍ରତିଶ୍ରୁତି ଇତ୍ୟାଦି ଏହି ବିଜ୍ଞାପନର ଅନ୍ତର୍ଭୁକ୍ତ। ବିଜ୍ଞାପନ ଏମିତି ଏକ ଛଳ ଯାହାକୁ ବ୍ୟକ୍ତି ପ୍ରତ୍ୟୟ ଭାବେ ଗ୍ରହଣ କରିଥାଏ। ବିଜ୍ଞାପନ ଦେଉଥିବା ବ୍ୟକ୍ତି ଓ ବିଜ୍ଞପିତ ହେଉଥିବା ଦ୍ରବ୍ୟ ଏମିତି ଏକ ମାୟା ପୃଥିବୀ ରଚନ୍ତି, ଯେଉଁ ମାୟାରେ ପଡ଼ି ଆଶାୟୀ ଉବୁଟୁବୁ ହୁଏ। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା, ବିଜ୍ଞାପନ ବାରମ୍ବାର ମଣିଷକୁ ଧୋକା ଦେଉଥିଲେ ବି ମଣିଷ କେବେହେଲେ ସଚେତନ ହୁଏ ନାହିଁ। ସେ ଗୋଟିଏ ବିଜ୍ଞାପନର ମାୟାରୁ ଆଉ ଗୋଟେ ବିଜ୍ଞାପନର ମାୟାକୁ ଖସିଆସେ। ଏମିତି ଦେଖିଲେ, କୌଣସି ମଣିଷ ବିଜ୍ଞାପନ ରହିତ ନୁହେଁ। ବିଜ୍ଞାପନ ସାଧାରଣତଃ ଦୁଇ ପ୍ରକାର। ପ୍ରଥମଟି 'ସବଜେକ୍ଟିଭ୍' ବା ଚେତନା ଭିତ୍ତିକ। ଦ୍ୱିତୀୟଟି ହେଲା 'ଅବଜେକ୍ଟିଭ୍' ବା ବସ୍ତୁ ଭିତ୍ତିକ। ଏଠି ଗୋଟେ କଥା କହିରଖେ ଯେ, ସାରା ପୃଥିବୀ ହେଉଛି ଏକ ବ୍ୟାବସାୟିକ କ୍ଷେତ୍ର। ଏଠି ସମସ୍ତେ ବିଜ୍ଞାପନ ଦାତା ଓ ସମସ୍ତେ କ୍ରେତା। ମୁଁ ନିଜକୁ ଯଦି ଦର୍ପଣରେ ଅନୁଧ୍ୟାନ କରେ, ଅବଶ୍ୟ ଦିନେ ହୃଦ୍ ?ବୋଧ ହେବ ଯେ, ମୁଁ ବହୁ ବିଜ୍ଞାପନ ଦେଇ ନିଜକୁ ବିଜ୍ଞପିତ କରିଆସିଛି। କେବଳ ମୁଁ କାହିଁକି, ଯେ କୌଣସି ଲୋକ, ଏମିତିକି ଗୋଟେ ଅଥର୍ବ ଲୋକଟି ବି ନିଜର ବିଜ୍ଞାପନ ଦେଇଥାଏ। ହାତରେ କନା ଗୁଡ଼େଇ କହେ- ମୋତେ ପାଚଂ ଟଙ୍କା ଦେଲେ, ତୁମେ ପୁଣ୍ୟ ଅର୍ଜନ କରିବ। ବିନିଯୋଗ ପାଚଂ ଟଙ୍କା, ଲାଭ ମହା ପୁଣ୍ୟ। ସକାଳ ହେଲେ ପୃଥିବୀର ସବୁ ଲୋକ ନିଜକୁ ବଜାରରେ ବିକ୍ରି କରିବା ପାଇଁ ସଜେଇ ହୁଅନ୍ତି। କିଛି ବିକ୍ରି ହୁଅନ୍ତି, ଆଉ କିଛି ବିଫଳ ହୋଇ ଆଉ ଥରେ ବିଜ୍ଞପିତ ହେବା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି। କିନ୍ତୁ ବିଜ୍ଞାପନ କାଏମ ରହେ। ପ୍ରଖ୍ୟାତ ଲେଖକ ଏଚ୍.ଜି. ୱେଲ୍ସ ବିଜ୍ଞାପନକୁ ଅନୁଶୀଳନ କରି କୁହନ୍ତି- "ଆଡଭଟାଇଜ୍ମେଂଟ ଇଜ୍ ଲିଗାଲାଇଜ୍ଡ ଲାଇଙ୍ଗ୍।" ଅର୍ଥାତ୍ ବିଜ୍ଞାପନ ମିଥ୍ୟାକୁ ସତ୍ୟର ବୈଧତା ପ୍ରଦାନ କରେ, ଯାହାଦ୍ୱାରା ବିଜ୍ଞପିତ ବସ୍ତୁ କେବଳ ମନ ମିଜାଜକୁ କବ୍ ?ଜା କରେ ନାହିଁ, ସ୍ୱୀକୃତି ପାଇଁ ଗ୍ରହଣଶୀଳତାର ଦୃଢ଼ତା ମଧ୍ୟ ପ୍ରଦାନ କରେ ଓ ଆମ ଅବଚେତନର ଅବଦମିତ ଇଚ୍ଛା, ଭୟ, ଅପୂର୍ଣ୍ଣତା, ଅଭାବବୋଧ ଇତ୍ୟାଦିକୁ ନେଇ ନିଜକୁ ଅସ୍ତିତ୍ୱବାନ କରେ। ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ୍ ଏବଂ ଏଡ୍ୱାର୍ଡ ବର୍ଣ୍ଣେନେସ୍ ଦର୍ଶାଇଛନ୍ତି- "ହ୍ୟୁମାନ୍ ଡିଜାୟାରସ ଆର୍ ଇରରେସନାଲ ଆଣ୍ଡ ଅନକନସିୟସ୍, ଆଣ୍ଡ ଆଡଭର୍ଟାଇଜମେଂଟସ ଏକ୍ସପ୍ଲଏଟ ଦିସ୍"; ଯାହାର ମୋଟାମୋଟି ଅର୍ଥ ହେଲା ମଣିଷର କାମନା ଯୁକ୍ତିଶୂନ୍ୟ ଓ ହୋସ ରହିତ, ଏବଂ ବିଜ୍ଞାପନ ଏହାର ସୁଯୋଗ ନିଏ। ବାସ୍ତବରେ ତାହା ହିଁ ସତ୍ୟ। ବିଜ୍ଞାପନ ଆମ ଚେତନାରେ ଅବଦମିତ କଥାକୁ ଶୋଷଣ କରେ ଏବଂ ବାହ୍ୟ ଆବଶ୍ୟକତାକୁ ପୂର୍ଣ୍ଣ କରେ। ପ୍ରାୟତଃ ଅହରହ ଏକ ପ୍ରକାର ବୁଝାମଣା, ଅବଦମିତ ଇଚ୍ଛା ଓ ପ୍ରାପ୍ତି ମଧ୍ୟରେ ଚାଲିଥାଏ। ବିଜ୍ଞାପନ ଏଇ ବୁଝାମଣାର ଫାଇଦା ଉଠାଏ। ଆମେ ଯାହାକୁ ଆମର ଇଚ୍ଛା ବୋଲି କହିଥାଉ, ବିଜ୍ଞାପନ ସେ ଇଚ୍ଛାର ସ୍ରଷ୍ଟା ହୋଇ ନପାରେ, କିନ୍ତୁ ସେଇ ଇଚ୍ଛାକୁ ସେ ରାସ୍ତାଟିଏ ଦେଇଥାଏ। ଫରାସୀ ଦାର୍ଶନିକ ଜାକ୍ ଲାକାନ ଓ ଜାଁ ବ୍ରାଜିର୍ଲାଡ ଅନୁଧ୍ୟାନ କରି କହିଛନ୍ତି- ଟିଭି, ମୋବାଇଲ, ଖବରକାଗଜ କିମ୍ବା ଗାଡ଼ି ଘୋଡ଼ାକୁ ନେଇ ଆଡଭର୍ଟାଇଜମେଂଟ ବା ବିଜ୍ଞାପନ କରାଯାଉଥାଏ ସତ; କିନ୍ତୁ ଏମାନେ ସମସ୍ତେ ପରୋକ୍ଷରେ ଆମର ଅହଂକୁ କିଣୁଥାନ୍ତି। ଆମ ଅଦୃଶ୍ୟ 'ମୁଁ'କୁ କ୍ରୟ କରୁଥାନ୍ତି। ବିଜ୍ଞାପନ ନିଜକୁ ଦର୍ପଣ କରି ଆମ ଅଭୀପ୍ସାକୁ ଏଭଳି ପ୍ରତିଫଳିତ କରେ ଯେ ଆମେ ବାସ୍ତବ ପୃଥିବୀ ଅପେକ୍ଷା ବିଜ୍ଞାପନର ପ୍ରତିଫଳିତ ପୃଥିବୀ ଉପରେ ଅଧିକ ଆସ୍ଥାବାନ ହେଉ। 'ସବ୍ଜେକ୍ଟିଭ' ବା ଭାବଭିତ୍ତିକ ବିଜ୍ଞାପନ ହେଉଛି ଅବସ୍ଥର କଥା। ଅଭୀପ୍ସା ସଦାବେଳେ ଯେ ବସ୍ତୁଭିତ୍ତିକ ହେବ, ତା'ର କିଛି ମାନେ ନାହିଁ। ତାହା ଅବସ୍ଥର ବା ଭାବର ମଧ୍ୟ ହୋଇପାରେ। ପୃଥିବୀରେ ଏମିତି କେହି ନାହିଁ ଯେ କି ଭାବ ଭିକାରି ନୁହେଁ। କାହାର ଶାନ୍ତି ହଜିଯାଇଛି, କାହାକୁ ଈଶ୍ୱର ମିଳୁନାହାନ୍ତି, କାହାକୁ ଶତ୍ରୁମାନେ ପୀଡ଼ା ଦେଉଛନ୍ତି; ଏ ସବୁ ପୂରଣ କରିବା ପାଇଁ ସନ୍ଥ, ବାବା, ଉପଦେଷ୍ଟା, ଟାଉଟରମାନେ ଦୋକାନ ଖୋଲି ବସିଛନ୍ତି। ଏଠି ବି ସେହି ସମସ୍ୟା- ଗୋଟେ ବାବାଙ୍କ ପାଖରୁ ବିଫଳ ହେଲେ, ଆଉ ଗୋଟେ ବାବା ପାଖକୁ ଯିବା। ଗୋଟେ ଈଶ୍ୱର ଧୋକା ଦେଲେ, ଆଉ ଗୋଟେ ଈଶ୍ୱର ପାଖକୁ ଯିବା। ପୃଥିବୀରେ ମଣିଷର ସବୁ ଆଶାକୁ ପୂରଣ କରିବା ପାଇଁ ବିଜ୍ଞାପନର ଅଭାବ ନାହିଁ କି ବିଜ୍ଞାପନଦାତାଙ୍କର ଅଭାବ ନାହିଁ।ଆମେ ସମସ୍ତେ ନିଜକୁ ବିଜ୍ଞପିତ କରିବାର ଲାଳସା ନେଇ ଜୀବନ ଜିଉ। ଏହା ବୋଧହୁଏ ଆମର ପ୍ରବୃତି। ଅନ୍ତର୍ଚେତନାରେ ଆମର ସାମାଜିକ ସ୍ୱୀକୃତିକୁ ନେଇ ଅହରହ ଏକ ଯୁଦ୍ଧ ଚାଲେ। ସର୍ବଦା ଅନ୍ୟମାନଙ୍କୁ ଆମ ପ୍ରତି ଆକର୍ଷିତ କରେଇବାର ଗୋଟେ ଅହେତୁକ ମୋହ ଆମକୁ କାବୁ କରେ। ମୋତେ କେହି ଦେଖୁ, ମୋତେ କେହି କ୍ରୟ କରୁ, ମୋତେ କେହି ଗ୍ରହଣ କରୁର ମାନସିକତାକୁ ନେଇ ବିଜ୍ଞାପନ ଏକ ମିଛ ପୃଥିବୀର ମାୟା ରଚେ, ଆଉ ଆମେ ଖୁସିରେ ସେହି ମିଛକୁ ମାନି ନେଉ। କାରଣ ସତରେ ଆମେ ସେଇ ମିଛରେ ନିଜକୁ ଦେଖିବାକୁ ଚାହୁଁ। ଆମର ଏଇ ପରି ଇଚ୍ଛାକୁ ଆମ ମନର ଆଭ୍ୟନ୍ତରୀଣ ସମସ୍ୟା ବୋଲି କୁହାଯାଇପାରେ। ଏଇ ସମସ୍ୟାକୁ ବିଜ୍ଞାପନ 'ମାନିପୁଲେଟ' କରେ, ବା ଭୁଲାଇ ବହଲେଇ କାମରେ ଲଗାଏ। ମନସ୍ତତ୍ତ୍ୱରେ ଏହା ମଣିଷର ଧ୍ୟାନ ଓ ପ୍ରବଣତା ବୋଲି ବିଚାର କରାଯାଇପାରେ। ଆମେ ଯଦି ପ୍ରଶ୍ନ ପଚାରିବା- ବାସ୍ତବରେ ଏହା କ'ଣ ଆମ ପାଇଁ ଅତ୍ୟାବଶ୍ୟକ କି ? ନା ଏହା ମଣିଷକୁ ଠକିଦିଏ ? ନା ଆମର ସ୍ୱାଧୀନତାର ଅପହରଣ କରେ ? ଉତ୍ତର କେବଳ ଏତିକି ଯେ, ସେଇ ଠକି ହେବା ହିଁ ଆମକୁ ଏକ ଗତି ଦିଏ, ଏକ ପରିଚୟ ଦିଏ। ଆମେ ଦର୍ପଣ ସାମନାରେ ନିଜକୁ ସଜେଇନେଉ। ବିଜ୍ଞାପନ ଏଇ ଦର୍ପଣ ସାମନାରେ ଆମକୁ ଅଧିକ ଆକର୍ଷଣୀୟ କରି ଆମ ଭିତରେ ଥିବା 'ମୁଁ' ପଣକୁ ଦେଖାଇଦିଏ। ଏହିପରି ମଣିଷର ମନୋବୃତିକୁ ଜଣେ ଫରାସୀ ଦାର୍ଶନିକ ବୋଦ୍ରିଆର କୁହନ୍ତି- 'ହାଇପର ରିଅଲିଟି' ବା 'ଅଧିକ ବାସ୍ତବତା'; ଟିଭିରେ ଦେଖୁଥିବା ଜୀବନ, ଆମେ ଜିଉଥିବା ବାସ୍ତବ ଜୀବନ ଠାରୁ ବି ଅଧିକ ବାସ୍ତବ ହୋଇଯାଏ; ସେଥି ଲାଗି ଅଧିକ ଆକର୍ଷଣୀୟ ହୋଇଯାଏ। ଆଉ ଆମେ ସେଇ ମିଛ ଜୀବନକୁ ଲକ୍ଷ୍ୟ ଭାବରେ ଗ୍ରହଣ କରିନେଉ। ମନୋବିଜ୍ଞାନରେ ଦର୍ଶାଯାଇଛି- ଆମେ ଆମ ଚେତନା ଅପେକ୍ଷା ଭାବନାକୁ ଅଧିକ ପ୍ରାଧାନ୍ୟ ଦେଉ। ବିଜ୍ଞାପନ ଏଇ ଭାବନାକୁ ନେଇ କାମରେ ଲଗାଏ। ବର୍ତ୍ତମାନ ପ୍ରଶ୍ନ ହେଉଛି, କାହିଁକି ବିଜ୍ଞାପନର ମାୟାରେ ମଣିଷ ଆକ୍ରାନ୍ତ ହୁଏ। ଉତ୍ତରଟି ଖୁବ୍ ସହଜ ଓ ସାଧାରଣ, ଯଦିଓ ଏହା ଭିତରେ ଥିବା ଜଟିଳତା ଦୃଷ୍ଟିଗୋଚର ହୁଏ ନାହିଁ। ସେଥିପାଇଁ ମଣିଷର ଆବଶ୍ୟକତା, କାମନା ଓ ତୃଷ୍ଣାର ସ୍ୱରୂପକୁ ବୁଝିବାକୁ ପଡ଼ିବ। ମଣିଷର ଆବଶ୍ୟକତା ଅସୀମ ନୁହେଁ, କାମନାର ବି ସୀମା ଅଛି। କିନ୍ତୁ ତୃଷ୍ଣା ହେଉଚି ଅନନ୍ତ। ଗୌତମ ବୁଦ୍ଧଙ୍କ ଭାଷାରେ ପାଗଳ ଆବଶ୍ୟକତା, ବିଭ୍ରାନ୍ତକାରୀ କାମନା ହିଁ ତୃଷ୍ଣା। ତୃଷ୍ଣା ବହୁପ୍ରସାରୀ, ଦିଗନ୍ତବ୍ୟାପୀ। ଅନ୍ୟର ଆବଶ୍ୟକତାକୁ ଦେଖି ଯେତେବେଳେ ନିଜର ଆବଶ୍ୟକତା ହୀନମନ୍ୟତାର ଶିକାର ହୁଏ, ସେତେବେଳେ ତୃଷ୍ଣା ଜନ୍ମ ନିଏ। ଉଦାହରଣ ସ୍ୱରୂପ- ପିନ୍ଧିବା ପାଇଁ ମୋର ହଳେ ପୋଷାକ ଦରକାର, କିନ୍ତୁ ମୋ ପଡ଼ୋଶୀର ଦଶ ହଳ ପୋଷାକ ଅଛି। ତେଣୁ ପଡ଼ୋଶୀକୁ ଦେଖିଲା ମାନେ ମୋ ନିଜର ଆବଶ୍ୟକତା ହୀନମନ୍ୟତା ଦ୍ୱାରା ଆକ୍ରାନ୍ତ ହୁଏ। ଏହି ହୀନମନ୍ୟତାରୁ ତୃଷ୍ଣାର ସହରଟିଏ ଗଢ଼ିଉଠେ, ଯେଉଁ ସହରରେ ବିଜ୍ଞାପନ ତା' ଦୋକାନ ଖୋଲେ। ତେବେ 'ଅବ୍ ?ଜେକ୍ଟିଭ' ବା ବସ୍ତୁଭିତ୍ତିକ ବିଜ୍ଞାପନ କ'ଣ ? ଏହା ମଧ୍ୟ ସ୍ଥୂଳ ଆବଶ୍ୟକତା ଓ ତା'ର ଖର୍ଦ୍ଦି ବିକ୍ରିର କଥା। ସମସ୍ତଙ୍କ ଘରେ ଏସି, ରେଫ୍ରିଜେରେଟର ଅଛି, ମୋର ନାହିଁ। ସେମାନେ ଗୋଟିଏ ବ୍ରାଣ୍ଡ୍ ?ର ଜିନିଷ କିଣିଛନ୍ତି, ତା'ଠୁ ମୁଁ ଭଲ କମ୍ପାନିର ଜିନିଷ କିଣି ତାଙ୍କ ମୁହଁ-ଗର୍ବ ଭାଙ୍ଗିବି। ତାଙ୍କର ଗୋଟେ କା ? ଅଛି, ମୁଁ ଗୋଟେ ମର୍ସିଡିଜ କିଣିବି। ଅସୁମାରି ଅଭିଳାଷ, ଅଶେଷ ଆକାଂକ୍ଷା। ବାସ୍ତବରେ ମଣିଷ ଯେତେ ବିଚଳିତ, ଆକର୍ଷିତ ଓ ଆବେଗାଧୀନ, ସେତେ ସେ ନିଜ ଆତ୍ମା ଠାରୁ ଦୂରେଇ ଯାଏ। ଜେନ୍ ସନ୍ନ୍ୟାସୀମାନେ କହିଥାନ୍ତି- ବିଜ୍ଞାପନ ଦ୍ୱାରା ଯିଏ ଯେତେ ଆକର୍ଷିତ ହୁଏ, ସିଏ ସେତେ କୋଳାହଳମୟ ଜୀବନ ଜିଏ। ଯେଉଁ ମନ ଯେତେ ଅଶିକ୍ଷିତ, ଅଜ୍ଞାନ ଓ ଅହଂ ଦ୍ୱାରା ଚାଳିତ, ତାହାକୁ ଆସକ୍ତି ଓ ଦ୍ୱେଷ ଦ୍ୱାରା ସହଜରେ ନିୟନ୍ତ୍ରଣ କରାଯାଇପାରେ। ବିଜ୍ଞାପନ ଆମକୁ ମୁଖା ପିନ୍ଧାଏ। ମାର୍କେଟ ବ୍ରାଣ୍ଡ୍ ?ରେ ସ୍ୱୀକୃତି ଦିଏ। ତେଣୁ ଆବଶ୍ୟକତା ଅବିରତ ଭାବେ ଜନ୍ମ ନେଇ ଚାଲେ। ଅର୍ଥନୀତିର 'ଡିମାଣ୍ଡ ଓ ସପ୍ଲାଏ' ବା ଚାହିଦା ଓ ଯୋଗାଣ ମାଧ୍ୟମରେ ବିଜ୍ଞାପନ ତତ୍ପର ରହେ- ଆମକୁ ସକ୍ରିୟ ରଖେ। ବିଜ୍ଞାପନ ଆମ ଆବଶ୍ୟକତାକୁ ବିକଶିତ କରେ। ଆମେ କହିପାରିବା ଯେ, ବିଜ୍ଞାପନ ହେଉଛି ମନୋବିଜ୍ଞାନ। ଏହା ଯେତିକି ଆବଶ୍ୟକତାକୁ ପୂର୍ଣ୍ଣ କରିବାରେ ସହାୟକ ହୁଏ, ତା'ଠୁ ଅଧିକ ଶୂନ୍ୟତା ସୃଷ୍ଟି କରେ; ହତାଶାବୋଧ, ଅବସୋସ, ହାରିଯିବାପଣ, ଆମ ଭିତରେ ଲୁଚିରହିଥିବା ଅସନ୍ତୋଷ ଆଦିକୁ ବିଜ୍ଞାପନ ଶିକାର କରି ତୃଷ୍ଣାକୁ ଦୁର୍ବାର କରିପକାଉଥାଏ। ଆମ ନିଜର ସ୍ଥିତି ବିଜ୍ଞାପନ ଦ୍ୱାରା କବଳିତ ହୋଇଯାଏ। ମଣିଷ ନିଜ ଆବଶ୍ୟକତାକୁ ବିକ୍ରି କରିବା ସଙ୍ଗେ ସଙ୍ଗେ ନିଜ ଭିତରେ ନୂଆ ଆବଶ୍ୟକତା ସୃଷ୍ଟି କରେ। ଗୋଟେ ଝିଅ କହିଲା- ମୁଁ ସବୁ ଝିଅମାନଙ୍କ ପରି ନୁହେଁ, ମୁଁ ସମସ୍ତଙ୍କ ଠାରୁ ଟିକେ ଭିନ୍ନ। ସେହି ଅଲଗାପଣ ହିଁ ନିଜକୁ ବିଜ୍ଞପିତ କରିବା କଥା ନୁହେଁ କି ? କିଏ କହିବ, ଏ ଲେଖା ଏକ ବିଜ୍ଞାପନ କି ନୁହେଁ ? ଏ ଲେଖାକୁ 'ପାଠକ ପଢ଼ନ୍ତୁ ଓ ମୋତେ ବଧାଇ ଜଣାନ୍ତୁ'ର ମାନସିକତା ବିଜ୍ଞାପନ ଛଡ଼ା ଆଉ କ'ଣ ବା ହୋଇପାରେ ?

ଚାନ୍ଦବାଲିରେ ଦାଦନର ଦୁଃଖ

ଭଦ୍ରକ: ଦାଦନ ଖଟିବାକୁ ଦୁବାଇ ଯାଇଥିଲେ. କାମ କରି ଟଙ୍କା ଆଣିଲେ ଘରର ଛାତ ପଡିବ ବୋଲି କହିଯାଇଥିଲେ ହେଲେ ଶବ ହୋଇ ଫେରିଲେ ଗାଁ କୁ. ପାଖାପାଖି ଏକ ବର୍ଷ ହେବ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଉତୁକୁଡା ଗ୍ରାମ ପଚାଂୟତ ଉତୁକୁଡା ଗାଁ ର ବୀରଭଦ୍ର ନାୟକ ଦାଦନ ଖଟିବାକୁ ଦୁବାଇ ଯାଇଥିଲେ. ସେଠାରେ ସେ ଏକ କମ୍ପାନୀ ରେ ପ୍ଲମ୍ବର ଭାବେ କାର୍ଯ୍ୟ କରୁଥିଲେ ହେଲେ ଗତ ଫେବୃଆରୀ ମାସ ୨୭ତାରିଖ ରାତିରେ କାର୍ଯ୍ୟରତ ସମୟରେ ଖସି ପଡିବାରୁ ବୀରଭଦ୍ର ର ମୃତ୍ୟୁ ଘଟିଥିବା ଘରକୁ ଖବର ଆସିଥିଲା. ପାଖାପାଖି ଏକ ମାସ ହେବ ବୀରଭଦ୍ର ର ମୃତ ଦେହ ଫେରିବା ବାଟକୁ ଅନାଇ ବସିଥିଲେ ପରିବାର ଲୋକଙ୍କ ସହ ସାହି ପଡିସା. ଆଜି ଗାଁ ରେ ମୃତ ଦେହ ପହଂଚିବା ପରେ କାନ୍ଦ ବୋବାଳି ରେ ଫାଟି ପଡ଼ିଥିଲା ସାରା ପରିବେଶ. ପୁଅ କୁ ଦେଖିବା ପାଇଁ ଦିନ ରାତି କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖୁନଥିଲା ବୁଢ଼ୀ ମା ର. ଆଜି ପୁଅ ର ମୃତ ଦେହ ଦେଖିବା ପରେ ମା ଓ ସ୍ତ୍ରୀ ବାହୁନି ବାହୁନି କାନ୍ଦି କାନ୍ଦି ଚେତାସୂନ୍ୟ ହୋଇପଡୁଛି ।ଅନ୍ୟପଟେ ବୀରଭଦ୍ର ର ମୃତ ଦେହ ସଠିକ ସମୟରେ ଫେରିନଥିବାରୁ ବୀରଭଦ୍ର ର ଏକ କୁଶ ପୁତ୍ତଳିକା ବନାଇ ସୁଧାକ୍ରିୟା ସାରିଥିଲେ ପରିବାର ଲୋକେ. ୨୭ତାରିଖ ଦିନ ଭିଡିଓ କଲ କରି ପରିବାର ଲୋକଙ୍କ ସହ କଥା ମଧ୍ୟ ହୋଇଥିଲେ.ଶୁଦ୍ଧିକ୍ରିୟା ର ୧୯ଦିନ ପରେ ସରକାରଙ୍କ ଉଦ୍ୟମରେ ଗାଁ ରେ ପହଚିଂଥିଲା ମୃତଦେହ. ମଧ୍ୟପ୍ରାଚୀ ଯୁଦ୍ଧ ପାଇଁ ମୃତଦେହ ଆସିବାରେ ବିଳମ୍ବ ହୋଇଥିବା କଥା କହିଛନ୍ତି ପରିବାର ଲୋକେ. ମୃତଦେହ ପହଂଚିବା ପରେ ଗାଁ ରେ ଅତିରିକ୍ତ ଶ୍ରମ ଅଧିକାରୀ ପହଂଚି ସମବେଦନା ଜଣାଇବା ସହ ଯାହା ସରକାରୀ ସାହାର୍ଯ୍ୟ ମିଳିବା କଥା ମିଳିବ ବୋଲି ଜଣାଇଥିଲେ. ଅନ୍ୟପଟେ ବୀରଭଦ୍ର ଙ୍କୁ ତୁରନ୍ତ କ୍ଷତିପୂରଣ କିପରି ମିଳିବ ତାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି.ପରିବାରର ଅନୁରୋଧକ୍ରମେ ଶବ ଫେରାଇବା ପାଇଁ ପ୍ରଶାସନ ପକ୍ଷରୁ ତତ୍କ୍ଷଣାତ୍ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସହ ଶ୍ରମ ଅଧିକାରୀ ୨ ମାର୍ଚ୍ଚରେ ତଦନ୍ତ କରି ରିପୋର୍ଟ ଜିଲ୍ଲା ଶ୍ରମ ଅଧିକାରୀ ଓ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ ।ପରବର୍ତ୍ତୀତ, ପ୍ରବାସୀ ଶ୍ରମିକ ହେବାରୁ ଶ୍ରମ ଆୟୁକ୍ତ ଦ୍ୱାରା ବିଦେଶ ମନ୍ତ୍ରାଳୟ ସହ ସମ୍ପର୍କ ସ୍ଥାପନ କରାଯାଇ ଶବ ପ୍ରତ୍ୟାର୍ପଣ ଓ ଆର୍ଥିକ ସହାୟତା ପ୍ରକ୍ରିୟା ଆରମ୍ଭ ହୋଇଥିଲା ।ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗ, ଓଡ଼ିଶା ପରିବାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀଙ୍କ ସମ୍ମିଳିତ ପ୍ରୟାସରେ ବୀରଭଦ୍ରଙ୍କ ପାର୍ଥିବ ଦେହ ବିମାନ ଯୋଗେ ହାଇଦ୍ରାବାଦ ପହଁଚିଥିଲା। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ଜନ୍ମମାଟିକୁ ଆଣାଯାଇ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।ଏହି ଘଟଣା ଅଚଂଳରେ ଶୋକର ଛାୟା ସୃଷ୍ଟି କରିଛି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସମ୍ପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁଯାୟୀ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟାଳୟର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୮/୩(ନି/ପ୍ର): ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲୁ ଚଳିତ ବର୍ଷ ଓଡିଶା ଦିବସ ପାଳନ ସଂପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବୈଠକର ନିଷ୍ପତି ଅନୁସାରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଓଡିଶା ଦିବସ ସମ୍ବଲପୁର ସ୍ଥିତ ତପସ୍ୱିନୀ ସମ୍ମିଳନୀ କକ୍ଷ ଠାରେ ପାଳନ କରାଯିବ। ଏପ୍ରିଲ ୧ ତାରିଖ ପ୍ରତ୍ୟୁଷରୁ ସମ୍ବଲପୁର ସହରର ବିଭିନ୍ନ ଅଂଚଳରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବ। ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତିରେ ମୁଖ୍ୟ ଅତିଥି ଓ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଲୋକମାଳାରେ ସୁସଜ୍ଜିତ କରାଯିବ ବୋଲି ନିଷ୍ପତି ନିଆଯାଇଛି। ପୂର୍ବାହ୍ନ ୧୦ ଘଟିକା ସମୟରେ ତପସ୍ୱିନୀ ସମ୍ମିଳନୀ କକ୍ଷ ଠାରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ। ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସବର ଆୟୋଜିତ କାର୍ଯ୍ୟକ୍ରମ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ନିଷ୍ପତି ଶୁଣାଇଥିଲେ। ଏଥିସହ ସମ୍ମିଳନୀ କକ୍ଷ ସାଜସଜ୍ଜା, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ଅଗ୍ନିଶମ ସେବା ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସୂଚନାନୁଯାୟୀ ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ମହିଳାଙ୍କ ଅଧିକାର ଓ ସୁରକ୍ଷା ଆଇନ ଉପରେ ବ୍ୟାପକ ସଚେତନତା

ଝାରସୁଗୁଡ଼ା,୨୮/୩(ନି/ପ୍ର): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା, ସଶକ୍ତିକରଣ ଏବଂ ଆଇନଗତ ସଚେତନତାକୁ ପ୍ରାଧାନ୍ୟ ଦେଇ ଦୁଇଦିନିଆ ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମାର୍ଚ୍ଚ ୨୫ ଓ ୨୬ ରିଖରେ ଯଥାକ୍ରମେ କିର୍ମିରା ବ୍ଲକ୍ କ୍ୟାମ୍ପସ ଏବଂ ବେଲପାହାଡ଼ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇ ନିଜର ଅଧିକାର ଓ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଶିକ୍ଷା ଲାଭ କରିଛନ୍ତି। କିର୍ମିରା ବ୍ଲକ୍‌ରେ ସଚେତନତା ଶିବିର- ମାର୍ଚ୍ଚ ୨୫ରେ କିର୍ମିରା ବ୍ଲକ୍ ପରିସରରେ ଆୟୋଜିତ ଉତ୍ସବରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁକ୍ତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାଭିମାନର ସହ ବଂଚିବା ଓ ନିଜ ଅଧିକାର ପ୍ରତି ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁଜୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିଦିନ ସନ୍ଧ୍ୟାରେ ଅତିଥିମାନେ କଟାପାଲିସ୍ଥିତ 'ଆଶ୍ରା' ମାନସିକ ଅନଗ୍ରସର ମହିଳା କେନ୍ଦ୍ର ପରିଦର୍ଶନ କରି ସେଠାକାର ଅନ୍ତେବାସୀଙ୍କ ରହଣି ଓ ସୁବିଧା ଅସୁବିଧାର ସମୀକ୍ଷା କରିଥିଲେ। ଏଥିସହ ଆଜି ମାର୍ଚ୍ଚ ୨୬ ରିଖରେ ବେଲପାହାଡ଼ କଲ୍ୟାଣ ମଣ୍ଡପଠାରେ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ମଧ ମୁଖ୍ୟ ଅତିଥି ମୁକ୍ତା ସାହୁ ନାରୀ ସୁରକ୍ଷା ଓ ସମାଜରେ ମହିଳାଙ୍କ ମର୍ଯ୍ୟାଦା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିଆ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉଭୟ ଦିନର କାର୍ଯ୍ୟକ୍ରମରେ ସେହେଡ଼ା ର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ଏବଂ ସି ଡବ୍ଲୁ ସି ଚେୟାରପର୍ସନ୍ ଆଶିଷ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଠୋର ଆଇନ ଯଥା-ଲିଙ୍ଗଗତ ହିଂସା (ପୋସ ଆଇନ, ପକସୋ, ଯୌତୁକ ନିରୋଧ ଆଇନ ଏବଂ ଡାହାଣୀ ସନ୍ଦେହ ନିରୋଧ ଆଇନ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ସିଡ଼ିପିଓ ସୁନନ୍ଦ ମହାରଣା ସଂଚାଳନ କରିଥିବା ବେଳେ ଜିଲ୍ଲା ସଂରକ୍ଷକ (ମହିଳା ସଶକ୍ତିକରଣ) ଲିଲେଶ୍ୱର ସାହୁ, ପୋଷଣ ଜିଲ୍ଲା ସଂରକ୍ଷକ ରମାକାନ୍ତ ନାୟକ ଏବଂ ହବ୍ ଷ୍ଟାଫ୍ମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପିଓ ସଦର ମୀନାକ୍ଷୀ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

କଙ୍କରାମୁଣ୍ଡା ଗ୍ରାମରେ ୧୬ ପ୍ରହର ନାମଯଜ୍ଞ

ଝାରସୁଗୁଡା,୨୮/୩(ନି/ପ୍ର): କିର୍ମିରା ବ୍ଲକ ଅର୍ଡା ପଂଚାୟତ ଅଧିନସ୍ଥ କଙ୍କରାମୁଣ୍ଡା ଗ୍ରାମରେ ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁଭ ଅଧିବାସ, କଳସ ଯାତ୍ରା, ନାମ ଜପ, ପୂର୍ଣ୍ଣାହୁତି, ଦଧିଭଞ୍ଜନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ଟି ସଂକୀର୍ତନ ଦଳ ଭାଗ ନେଇଥିଲେ। ଶେଷ ଦିବସରେ ଲରିଆପାଲି ଓ କେନାଡିପା ମଧ୍ୟରେ ମନୋରଞ୍ଜନ ପୂର୍ଣ୍ଣ ବୈଠକି କୀର୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋକ କୁମାର ପଟେଲ ଓ ପତ୍ନୀ ସୁରେଶ୍ୱରୀ ପଟେଲ କର୍ତା ଦାୟିତ୍ୱ ତୁଲାଇଥିଲେ। ବଂଟିପୂଜକ ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞରେ ରୋହିତ ପଟେଲ, ରଞ୍ଜନ ପଟେଲ, ମିତ୍ରଭାନୁ ପଟେଲ, ଜନ୍ମଜୟ ପଟେଲ, ଜୟଶଙ୍କର ପଟେଲ, ଗୋପବନ୍ଧୁ ପଟେଲ, ମୋତିରାମ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ବିଜୟ ପଟେଲ, ବିଶାଲ ପଟେଲ, ବିକାଶ ପଟେଲ, ବିବେକ ପଟେଲ, ରିଙ୍କୁ ପଟେଲ, ରୋଶନ ପଟେଲ, ଦିଲିପ ପଟେଲ, ସୁଜିତ୍ ପଟେଲ, ଅଜିତ୍ ପଟେଲ, ଗୁଣନିଧି ପଟେଲ, ବିପିନ ରକ୍ସା, ରୁକ୍ମଣ ରକ୍ସା, ସୁରତ ରକ୍ସା, କହ୍ନେଇ ରକ୍ସା, ସୁଶିଲ ଖର୍ସେଲ, ଅମିତ ପଟେଲ, ଅଶ୍ୱିନୀ ରକ୍ସା, ଅର୍ଜୁନ ପଟେଲ, ସୁରଜ ପଟେଲଙ୍କ ସହ କଙ୍କରାମୁଣ୍ଡା ଓ ପନଖିପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

କୋଲାବିରା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଝାରସୁଗୁଡ଼ା,୨୮/୩(ନି/ପ୍ର): ଜିଲ୍ଲା କୋଲାବିରା କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସାହ୍ଲେପାଲି ଗ୍ରାମରେ ସମିତିର ସଭାପତି କିର୍ତି ଚନ୍ଦ୍ର ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ସହ ନିବନ୍ଧକ ବନମାଳୀ ନାଏକ ଓ ଲାଇକେରା ସମବାୟ ବ୍ୟାଙ୍କ ନିରୀକ୍ଷକ ଗଣନାଥ ଖର୍ସେଲ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଦେବରାଜ କୁମୁରା ବାର୍ଷିକ ବିବରଣୀ ପଠନ କରିବା ସହ ଆୟ ବ୍ୟୟର ସୂଚନା ଦେଇଥିଲେ। ଓଡ଼ିବା ଖିଲାପି ଋଣୀ ସଂଖ୍ୟା ବଢ଼ିଥିବା ବେଳେ ଏବେ ୧୩.୫୦ ପ୍ରତିଶତ ସୁଧରେ ଟଙ୍କା ବଢ଼ିବାରେ ଲାଗିଛି। ଏଣୁ ଖିଲାପିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଭାରେ ପ୍ରସ୍ତାବ ଆଗତ କରାଯାଇଥିଲା। ଏବେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପାଇଁ ୦ ପ୍ରତିଶତ ସୁଧ, ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ ଋଣ ପାଇଁ ୨ ପ୍ରତିଶତ ସୁଧ ଓ ଋଣରେ ଓଡ଼ି ଥିବା ସଦସ୍ୟଙ୍କୁ ୧୩.୫ ପ୍ରତିଶତ ସୁଧ ପଡୁଥିବା ନେଇ ସମ୍ପାଦକ ସୂଚନା ଦେଇଥିଲେ। ଏହି ଅବସରରେ ସଠିକ୍ ସମୟରେ ଋଣ ପରିଶୋଧ କରିଥିବା ଚାଷୀ ଦୁଃଖବନ୍ଧୁ ସାହୁ, ରମେଶ ଚନ୍ଦ୍ର ସାହୁ, ମଦନ ସୁନ୍ଦର ପଟେଲ, ପ୍ରଦୀପ ପଟେଲ, ଆଲିସ ପଟେଲ, ଆୟୁଷ ପଟେଲ ଓ ଅନାଦି ପଧାନ ଏବଂ ସମିତି ଅଧିନସ୍ଥ ମିନି ବ୍ୟାଙ୍କର ଉତମ ଗ୍ରାହକ ଭାବରେ ଡୋଳାମଣି ବେହେରା, ଭାଗିରଥୀ ପଧାନ, କମଳ ଧୁରୁଆ, ଦୁଷ୍ମନ୍ତ ନାୟକ, ରାଜକୁମାରୀ ନାୟକ, ଭିଷ୍ମଦେବ ନାୟକ ଓ ସ୍ୱର୍ଣ୍ଣ ପିଙ୍ଗଙ୍କୁ ଉପଢ୍ୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ସମିତିର ଉପସଭାପତି ଦୀନବନ୍ଧୁ ଛତ୍ରିଆ, ବୋର୍ଡ ଡାଇରେକ୍ଟର ଭିକାରୀ ନାୟକ, ଅକ୍ଷୟ ନାୟକ, ଗୋପାଳ ନାୟକ, ଗୌତମ କୁମୁରା, କମଳ ଧୁରୁଆ, ରମେଶ ଚନ୍ଦ୍ର ସାହୁ, ହୃଦାନନ୍ଦ ପଟେଲଙ୍କ ସହ ଶତାଧିକ ଚାଷୀ ସଭ୍ୟ ସଭ୍ୟା ଯୋଗଦେଇଥିଲେ।

ନିଶାସକ୍ତ ପୁଅର ଉନ୍ମତ କାଣ୍ଡ : ବୃଦ୍ଧ ବାପାଙ୍କୁ ପିଟିପିଟି ହତ୍ୟା କଲା ଅଭିଯୁକ୍ତ

ବାରିପଦା,୨୮/୩(ନି/ପ୍ର): ମାତ୍ର ୪୦୦ଟଙ୍କା ପାଇଁ ନିଜ ବାପାଙ୍କୁ ହତ୍ୟା କରିଛି ପୁଅ। ଏଭଳି ଲୋମହର୍ଷଣକାରୀ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜଜିଲ୍ଲା ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଚଂଳରେ। ସୂଚନା ଅନୁଯାୟୀ, ଉକ୍ତ ଫାଣ୍ଡି ଅଧୀନ ହଳଦୀପାଳ ପଚାଂୟତର ଲଦଡ଼ିହି ଗ୍ରାମର ଗୋବିନ୍ଦ ମାର୍ଣ୍ଡି(୮୦)ଙ୍କ ଠାରୁ ତାଙ୍କ ପୁଅ ମଧୁ ମାର୍ଣ୍ଡି(୩୬) ପ୍ରତିଦିନ ଟଙ୍କା ନିଅନ୍ତି। ତେବେ ଗତକାଲି ବୁଧବାର ରାତି ୯ଟା ସମୟରେ ଗୋବିନ୍ଦ ଶୋଇଥିବା ସମୟରେ ପୁଅ ମଧୁ ତାଙ୍କୁ ସଜନା ଛୁଇଁ ବିକ୍ରି କରିଥିବା ବାବଦରେ ୪୦୦ଟଙ୍କା ମାଗିଥିଲା। ଗୋବିନ୍ଦ ମନା କରିବାରୁ ନିଶାସକ୍ତ ପୁଅ ମଧୁ ଗୋବିନ୍ଦଙ୍କୁ ଏକ ବାଉଁଶ ବାଡ଼ିରେ ପିଟିପିଟି ହତ୍ୟା କରିଥିଲା।

ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୨୮/୩(ନି/ପ୍ର): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସାଇଟ କଲେଜ ସଦାଇପାଲି ପରିସରରେ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ସ୍ୱାଗତ ଭାଷଣ ପରେ ସଭାପତିଙ୍କ ଦ୍ୱାରା ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା। ମଂଚର ସଂପାଦକ କପିଳେଶ୍ୱର ଖମାରୀ ସଂପାଦକୀୟ ଅଭିଭାଷଣ ଦେବା ସହ ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ତଥା ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ଆଲୋକପାତ କରିଥିଲେ ଏବଂ ସଭା କାର୍ଯ୍ୟର ଏଜେଣ୍ଡା ସମସ୍ତ ସଭ୍ୟମାନଙ୍କ ଗହଣରେ ପରିବେଷଣ କରିଥିଲେ। ପ୍ରାୟ ୨୦ଗୋଟି ଟିପ୍ପଣି ଉପରେ ଆଲୋଚନା, ପର୍ଯ୍ୟାଲୋଚନା କରାଯାଇଥିଲା। ପ୍ରଥମତଃ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ ପାଇଁ ଉଦ୍ଦିଷ୍ଟ ସଭାଗୃହ ନିର୍ମାଣ ଓ ନଳକୂପ ଖନନ ଉପରେ ଆଲୋଚନା ହୋଇଥିଲା। ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା ସେହି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ସଭ୍ୟମାନଙ୍କୁ ଜଣାଇବା ସହ ୭ ଡିସିମିଲ ଏରିଆରେ ଗୃହ କାର୍ଯ୍ୟ ଚାଲୁ ରହିଛି ଏବଂ ନଳକୂପ ଖନନ ହୋଇସାରିଥିବା ସୂଚାଇଥିଲେ। ଅନ୍ୟାନ୍ୟ ଆଲୋଚନାରେ ସଭ୍ୟ ଶିବ ଶଙ୍କର ଖୁଆସ, ମନୋରଂଜନ ମିଶ୍ର, ଅଭିରାମ ପ୍ରଧାନ, କୈଳାସ ଚନ୍ଦ୍ର ମହାପାତ୍ର, ନଳିନୀକାନ୍ତ ମିଶ୍ର ଅଂଶଗ୍ରହଣ କରି ନିଜ ନିଜ ମତ ରଖିଥିଲେ। ଏକ ସ୍ମରଣିକା ଲୋକାର୍ପଣ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ ସମୟରେ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ନିଜସ୍ୱ ମତପ୍ରଦାନ କରିଥିଲେ। ସ୍ମରଣିକା ସଂପାଦନା ମଣ୍ଡଳିରେ ପଦ୍ମଚରଣ ଆଚାର୍ଯ୍ୟଙ୍କ ସହ ଅଚ୍ୟୁତାନନ୍ଦ ବହିଦାର, ମଧୁସୁଦନ ନାୟକ, ସିନ୍ଧୁ ସୁନ୍ଦର ପାଢି, ଗୋବିନ୍ଦ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଳ ଏବଂ କୃଷ୍ଣଚନ୍ଦ୍ର ନାଥଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଗଲା। ଉପ-ସଭାପତି ଅଶୋକ କୁମାର ଚାନ୍ଦ ଏବଂ ଉପ-ସଭାପତି ଇଂ. ହରେକୃଷ୍ଣ ମେହେର ନିଜ ନିଜର ଅଭିଭାଷଣ ରଖିଥିଲେ। ତତ୍‌ପରେ ମହିଳା ସଭ୍ୟା ସଂଗ୍ରହ ନିମନ୍ତେ ମଧ ପ୍ରସ୍ତାବ ଗ୍ରହଣ କରାଗଲା। ଏତଦ୍‌ବ୍ୟତିତ ଆମ ମଂଚର ସକ୍ରିୟ ସଭ୍ୟ ବଲାଙ୍ଗିର ନାଗରିକ କମିଟିରେ ସଭାପତି ଭାବରେ ବିଜୟ ହାସଲ କରିଥିବା ଡ. ଶ୍ରୀକର ମିଶ୍ର ଏବଂ ସଂପାଦକ ଭାବରେ ବିଜେତା ହୋଇଥିବା ମଧୁସୁଦନ ନାୟକ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ବିଜେତା ସତ୍ୟବାଦି ନାୟକ, ଡ. ପ୍ରମୋଦ କୁମାର ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଳ ଓ ଗୋପବନ୍ଧୁ ପୁରୋହିତଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରିବା ସହ ନୂତନ ଆଜିବନ ସଭ୍ୟ ଭାବରେ ନଳିନିକାନ୍ତ ମିଶ୍ର ଓ କବିରାଜ ହୋତାଙ୍କୁ ଫୁଲତୋଡା ଦେଇ ମଂଚରେ ସ୍ୱାଗତ କରାଯାଇଥିଲା। ସମସ୍ତ ଆଲୋଚନା ପରେ କୋଷାଧକ୍ଷ ଚୁଡେନ୍ଦ୍ର କୁମାର ବେହେରା ମଂଚର ଆୟ ବ୍ୟୟ ତଥା ପାଣ୍ଠି ସଂଗ୍ରହ ଉପରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ସହ-ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କଲା ପରେ ସଭା କାର୍ଯ୍ୟ ସାଙ୍ଗ ହୋଇଥିଲା।

ସମ୍ବଲପୁରରେ ରାମ ନବମୀକୁ ନେଇ ଶୋଭାଯାତ୍ରା

ମାନବ ସେବା ମାଧବ ସେବା

କେନ୍ଦ୍ରାପଡା,୨୮/୩(ନି/ପ୍ର): ଯେତେବେଳେ ସାରା ଦେଶବାସୀ ପବିତ୍ର ରାମ ନବମୀ ପାଳନ ସହିତ ଖୁସି ଓ ଆନନ୍ଦରେ ଲିପ୍ତ, ସେହି ସମୟରେ ପରିବେଶର ସମୃଦ୍ଧି, ସ୍ୱଚ୍ଛତା ଓ ସୁରକ୍ଷା ତଥା ନିଶୁଳ୍କ ଶେବା ପ୍ରଦାନ କରି ଯୁବବର୍ଗଙ୍କୁ ଶଶକ୍ତ କରି ରାଷ୍ଟ୍ରଗଠନରେ ପ୍ରୟାସରତ କୁଶିଆପାଳ ଓ ଗୁଆଳସିହ ଗ୍ରା. ପ. ମଧ୍ୟରେ ଅବସ୍ଥିତ ପ୍ରକୃତି ମିତ୍ର ଦି ଇନଷ୍ଟିଚୁଟ ଅଫ ଟୋଟାଲ ଫିଟନେସ ଆଣ୍ଡ ଷ୍ଟ୍ରେସ୍‌ଲେସ୍ ମ୍ୟାନେଜମେଂଟ ତରଫରୁ ବରାଙ୍ଗ (ଅନୁଆପଡା, ଚାନ୍ଦୋଳ) ଗ୍ରାମର ଆଲୋକ ଜେନା (ଦୁଇଟି ବ୍ଲକକ୍ କ୍ଷତିରେ ଆକ୍ରାନ୍ତ), ବୃଦ୍ଧା ମା ପାରାଲିସିସ୍ ରେ ଅପଙ୍ଗ, ବୃଦ୍ଧା ବାପା ଶଯ୍ୟାଶାହି, ତିନୋଟି ଛୋଟ ଛୋଟ ଝିଅ ଓ ପତ୍ନୀ। ଏହି ଦୁଃଖୀ ପରିବାର ସଦସ୍ୟଙ୍କ ପାଇଁ ଏକ ମାସର ଖାଦ୍ୟ ଓ ଖର୍ଚ୍ଚ ପାଇଁ ଅର୍ଥର ସହାୟତା ପ୍ରଦାନ କରି ଏହି ପବିତ୍ର ଦିବସରେ ଦୁଃଖୀ ପରିବାରର ସଦଶ୍ୟଙ୍କ ମନରେ ଟିକେ ଖୁସି ଆଣିବାକୁ ଚେଷ୍ଟା କରିଥିଲେ।

ପବିତ୍ର ରାମ ନବମୀ ଉପଲକ୍ଷେ ବାରୁଅ ଗ୍ରାମ ଉତ୍ସବ ମୁଖର

କେନ୍ଦ୍ରାପଡା, ୨୮/୩(ନି/ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ୍‌ବାରୁଅ ଗ୍ରାମର ପ୍ରବେଶ ଦ୍ୱାରରେ ସଂସ୍ଥାପିତ ଶ୍ରୀ ହନୁମାନଜୀଉଙ୍କ ତ୍ରୟୋଦଶ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶ୍ରୀହନୁମାନ ଚାଳିଶା ପାଠ, ଶ୍ରୀ ହନୁମାନ ପୂଜା ଏବଂ ବିଶ୍ୱ ଶାନ୍ତି ଶ୍ରୀ ହନୁମାନ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବରେ ସୈ।ରୀ ପ୍ରସାଦ ପଣ୍ଡା, ରବିନାରାୟଣ ମହାପାତ୍ର, ବିଭୂତି ଭୂଷଣ ଆଚାର୍ଯ୍ୟ, ଅବିନାଶ ମିଶ୍ର, ନିରାକାର ପଣ୍ଡା, ବିଶ୍ୱଜିତ ମହାପାତ୍ର, ନିତ୍ୟ ପୂଜକ ରବୀନ୍ଦ୍ର ନାଥ ତ୍ରିପାଠୀ ଅଂଶ ଗ୍ରହଣ କରି ବୈଦିକ ମନ୍ତ୍ର ଉଚ୍ଚାରଣରେ ପରିବେଶକୁ ଭକ୍ତି ଭାବରେ ଭ୍ୱାପ୍ଲୁତ କରିଥିଲେ। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା କର୍ତା ଓ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା କର୍ତ୍ରୀ ଭାବରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଆୟୋଜକ ହେମନ୍ତ କୁମାର ପରିଡ଼ା ଏବଂ ଦୀନବନ୍ଧୁ ଦାସ କାର୍ଯ୍ୟକ୍ରମ ସଚାଂଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଗର ପରିଡ଼ା, ଦାମୋଦର ସ୍ୱାଇଁ, ଅନିରୁଦ୍ଧ ବାରିକ, ଚୈତନ୍ୟ ସାହୁ, ଉଦୟ କର, ଗୀତାଞ୍ଜଳି ପରିଡା, ମଦନ ପଲାଇ, ଜୟ ପ୍ରକାଶ ସୂତାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ବାରୁଅ ବସଷ୍ଟାଣ୍ଡରେ ବିଗତ ବର୍ଷମାନଙ୍କ ପରି ଶ୍ରୀ ଲକ୍ଷ୍ମୀନାରାୟଣ ପୂଜୋତ୍ସବ ଏବଂ ବାରୁଅ ସ୍ଥିତ ପ୍ରସିଦ୍ଧ ଶ୍ରୀ ସିଦ୍ଧ ମହାପୁରୁଷଙ୍କ ମଠରେ ଭାଗବତ ପାରାୟଣ ସପ୍ତାହ ଏବଂ ବିଶ୍ୱ ଶାନ୍ତି ହୋମ ଯଜ୍ଞ ଯଥାବିଧି ଆରମ୍ଭ ହୋଇଯାଇଛି। ଲକ୍ଷ୍ମୀ ନାରାୟଣ ପୂଜା ଉପଲକ୍ଷେ ଯାତ୍ରା ଏବଂ ଭାଗବତ ପାରାୟଣ ସପ୍ତାହ ଉପଲକ୍ଷେ ଭାବଗ୍ରାହୀ କଳା ନିକେତନର ନୃତ୍ୟ କାର୍ଯ୍ୟକ୍ରମ ସମେତ ଭଜନ, ନାମ ସଙ୍କୀର୍ତନ ଏବଂ ହରିହାଟ ଆୟୋଜନାର ସୁବ୍ୟବସ୍ଥା କରାଯାଇଅଛି।

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡା,୨୮/୩(ନି/ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ପୁରୁଣା ମେଡିକାଲ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଆଇନ ଅନୁପାଳନ ସମ୍ପର୍କିତ ଏକଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାକୁ ଉତ୍ପାଦ ଆଇନ କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରିବା ସହିତ ସାର୍ବଜନିକ ସ୍ଥାନରେ ତମାକୁ ବ୍ୟବହାରକୁ ନିୟନ୍ତ୍ରଣ କରିବା। ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଶାଖା, ଆବକାରୀ ବିଭାଗ, ଶିକ୍ଷା ବିଭାଗ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ବିଶେଷଜ୍ଞ ଭାବେ ଡା. ମିର୍ଜା ବାବର ବୈଗ ଏବଂ ଡାକ୍ତର ନିରାକାର କର ଯୋଗଦେଇ ଏନେଇ ରହିଥିବା ମୁଖ୍ୟ ବ୍ୟବସ୍ଥାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ, ଯଥା ସାର୍ବଜନିକ ସ୍ଥାନରେ ଧୂମ୍ରପାନ ନିଷେଧ, ଅପ୍ରାପ୍ତବୟସ୍କଙ୍କୁ ତମାକୁ ବିକ୍ରୟ ନିଷେଧ ଏବଂ ଶିକ୍ଷାନୁଷ୍ଠାନର ୧୦୦ ମିଟର ମଧ୍ୟରେ ତମାଖୁ ବିକ୍ରୟ ନିଷେଧ। ଏହା ସହ ଆଇନ ଅନୁପାଳନ ପ୍ରକ୍ରିୟା, ଜରିମାନା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନ ଚାରିପାଖରେ ନିୟମିତ ଯାଂ, ସଂଯୁକ୍ତ ଅଭିଯାନ ଏବଂ ତମାଖୁ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉପରେ ବିଶେଷ ଫୋକସ କରାଯାଇଥିଲା। ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଆଇନର କଡ଼ାକଡ଼ ଅନୁପାଳନ ଓ ନିୟମିତ ମନିଟରିଂ ଦ୍ୱାରା ତମାଖୁମୁକ୍ତ ପରିବେଶ ସୃଷ୍ଟି ପାଇଁ ଆହ୍ୱାନ କରିଥିଲେ। ସମସ୍ତ ବିଭାଗକୁ ସମନ୍ୱୟରେ କାମ କରିବାକୁ ଉତ୍ସାହିତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଡିପିଏଚଓ ଗୌରାଙ୍ଗ ଚରଣ ଗିରି, ଆସିଷ୍ଟାଂଟ ମ୍ୟାନେଜର ଏନସିଡି ଶ୍ୟାମ ସୁନ୍ଦର ବିଶ୍ୱାଳ, ଡେପୁଟି ମ୍ୟା ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡା. ସୁକାନ୍ତ କୁମାର ପ୍ରଧାନ, ଏଡିପିଏଚଓ ଡା. ଶୁଭନାରାୟଣ ନାୟକ, ପୋଲିସ ପ୍ରଶାସନ, ସମାଜସେବୀ, ଅବକାରୀ ସମେତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ରାମନବମୀ ଉପଲକ୍ଷେ ୧୫ଟି ଅଖାଡ଼ାର ଭବ୍ୟ ଶୋଭାଯାତ୍ରା

ରାଉରକେଲା,୨୮/୩(ନି/ପ୍ର):ରାମନବମୀ ଉପଲକ୍ଷେ ସହରର ମୁଖ୍ୟ ମାର୍ଗରେ ୧୫ଟି ଅଖାଡ଼ାର ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ହନୁମାନଙ୍କ ଝାଙ୍କି ସମେତ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ବୋର୍ଡଗୁଡ଼ିକ ମୁଖ୍ୟ ଆକର୍ଷଣ ସାଜିଥିଲା । ଶୁକ୍ରବାର ଅପରାହ୍ନ ୩ଟା ସମୟରେ ବିର୍ସା ଚୌକରୁ ୧୫ଟି ଅଖାଡ଼ା କମିଟି ପକ୍ଷରୁ ଏହି ବିଶାଳ ଶୋଭାଯାତ୍ରା ବାହାରିଥିଲା । ଏଥିରେ ହନୁମାନଙ୍କ ମୂର୍ତ୍ତି, ବିଭିନ୍ନ ଦେବାଦେବୀଙ୍କ ଝାଙ୍କି ଏବଂ ଅଖାଡ଼ା କମିଟିଗୁଡ଼ିକ ଦ୍ୱାରା ପ୍ରଦର୍ଶିତ ଅସ୍ତ୍ରଶସ୍ତ୍ର ସଜ୍ଜିତ ବୋର୍ଡଗୁଡ଼ିକ ଅତି ଚିତ୍ତାକର୍ଷକ ହୋଇଥିଲା । ରାଉରକେଲା ଏସପି ନୀତେଶ ୱାଧୱାନୀ ନଡ଼ିଆ ଫାଟାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଅତିରିକ୍ତ ଏସପି ରାଜକିଶୋର ମିଶ୍ରଙ୍କ ସମେତ ପୋଲିସର ବରିଷ୍ଠ ଅଧିକାରୀ, 'ରାଉରକେଲା ଇଟିଂଗ୍ରେସନ ଫୋରମ୍'ର କର୍ମକର୍ତ୍ତା ଏବଂ ବିଭିନ୍ନ ଅଖାଡ଼ାର ସଦସ୍ୟମାନେ ଉପସ୍ଥିତ ଥିଲେ । ଶୋଭାଯାତ୍ରା ସମୟରେ ଅଖାଡ଼ା ଖେଳାଳିମାନଙ୍କ ଦ୍ୱାରା ଲାଠି ଖେଳ ପ୍ରଦର୍ଶିତ ହୋଇଥିଲା । ଡଙ୍କା ଓ ବାଜାର ଶବ୍ଦରେ ପୂରା ସହର ପ୍ରକମ୍ପିତ ହୋଇଉଠିଥିଲା । ଏହି ଶୋଭାଯାତ୍ରାରେ ଉଦିତନଗର କୁମ୍ଭାରପଡ଼ାର ଶ୍ରୀ ଶ୍ରୀ ବାବା ଶମ୍ଭୁନାଥ ଅଖାଡ଼ା, ମାଲଗୋଦାମର ରାଣା ପ୍ରତାପ ଅଖାଡ଼ା, ବିର୍ସା ଦହର ରୋଡର ଜୟ ଶ୍ରୀ ହନୁମାନ ଅଖାଡ଼ା, ଶିବାଜୀ ମାର୍ଗର ଶିବାଜୀ ଅଖାଡ଼ା, ଡେଲି ମାର୍କେଟର ନବଯୁବକ ସଂଘ ଅଖାଡ଼ା, ସବଜି ମଣ୍ଡିର ଜୟ ମା' ଦୁର୍ଗା ଅଖାଡ଼ା, ଓଲ୍ଡ ଟ୍ୟାକ୍ସି ଷ୍ଟାଣ୍ଡର ବାବା ଭୂତନାଥ ଅଖାଡ଼ା, ତିଲକ୍ସ ଗଳିର ମହାକାଳ ଓ ମହତାବ ରୋଡ଼, ଶିବ ଶକ୍ତି ଅଖାଡ଼ା, ଜି.ଟି. ଲେନର ଜୟ ବଜରଙ୍ଗ ଅଖାଡ଼ା, ଟ୍ରାଫିକ ମାର୍କେଟ ପଟ୍ଟମନ୍ଦିରର ଶ୍ରୀ ଶ୍ରୀ ଜୟ ବଜରଙ୍ଗ ଅଖାଡ଼ା, ବିର୍ସା ଚୌକର ଜୟ ମହାବୀର ଅଖାଡ଼ା, ନ୍ୟୁ ବସଷ୍ଟାଣ୍ଡର ତ୍ରିନାଥ ଅଖାଡ଼ା ଏବଂ କୁମ୍ଭାରପଡ଼ାର ରୁଦ୍ର ବାବା ଅଖାଡ଼ା ସାମିଲ ହୋଇଥିଲେ । ଟ୍ୟାକ୍ସି ଷ୍ଟାଣ୍ଡ ସମ୍ମୁଖରେ 'ରାଉରକେଲା ଇଟିଂଗ୍ରେସନ ଫୋରମ୍' ପକ୍ଷରୁ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ସାମାଜିକ ସଂଗଠନ ଓ ସମାଜସେବୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି, ସର୍ବତ, ଫଳ ଏବଂ ଜଳପାନର ବ୍ୟବସ୍ଥା କରାଯାଇଥିଲା । ଶୋଭାଯାତ୍ରା ଦେଖିବା ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ପ୍ରତ୍ୟେକ ଛକରେ ପୋଲିସ ମୁତୟନ ହୋଇଥିଲେ ।

ପବିତ୍ର ରାମନବମୀ ଓ ସ୍ୱାମୀଜୀଙ୍କ ସନ୍ନ୍ୟାସ ଦୀକ୍ଷାନ୍ତ ଦିବସ ପାଳିତ

ରାଉରକେଲା,୨୮/୩(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ଆନୁକୁଲ୍ୟରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଓ ପରମ ପୂଜ୍ୟ ସ୍ୱାମୀଜୀ ମହାରାଜାଙ୍କ ସନ୍ନ୍ୟାସ ଦୀକ୍ଷାନ୍ତ ଦିବସ ରାଉରକେଲାର ସେକ୍ଟର - ୧୯ ସ୍ଥିତ ଶାରଳା ମନ୍ଦିର ଯୋଗ କେନ୍ଦ୍ର ପରିସରରେ ପାଳନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସହ ରାଜ୍ୟ ପ୍ରଭାରୀ ଅଙ୍କୁର ମାର୍ଥା ଦୀପ ପ୍ରଜ୍ୱଳନ ପୂର୍ବକ ବୈଦିକ ରୀତି ଅନୁଯାୟୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ବରିଷ୍ଠ ଯୋଗ ଶିକ୍ଷୟତ୍ରୀ ତପସ୍ୱିନୀ ସାହୁଙ୍କ ପୌରହିତ୍ୟରେ ୧୧ କୁଣ୍ଡୀୟ ଯଜ୍ଞ କରାଯାଇ ସମସ୍ତଙ୍କ ମଙ୍ଗଳ କାମନା କରାଯାଇ ଥିଲା । ଉପସ୍ଥିତ ସମସ୍ତ ଯୋଗ ଶିକ୍ଷକ, ସାଧକ ସାଧିକା ଭାଇ ଓ ଭଉଣୀମାନେ ଯଜ୍ଞରେ ସାକଲ୍ୟ ଓ ଆହୁତି ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମାର୍ଥା ପବିତ୍ର ଶ୍ରୀ ରାମନବମୀର ତାତପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଶ୍ରୀ ରାମଙ୍କ ଆଜି ଜନ୍ମ ତିଥି ଏବଂ ଏହା ଭାରତୀୟମାନଙ୍କ ପାଇଁ ଅତି ପବିତ୍ର ଦିବସ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମ ଜଣେ ଆଦର୍ଶ, ଧର୍ମ ପ୍ରାଣ , ପିତୃ ଭକ୍ତ ଥିଲେ । ଭାରତୀୟ ସଂସ୍କୃତି ଓ ସମାଜରେ ଶ୍ରୀ ରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେଲେ ଆମେ ରାମରାଜ୍ୟ ପ୍ରତିଷ୍ଠା କରିପାରିବା ବୋଲି ପ୍ରକାଶ କରିଥିଲେ । ଆଜି ମଧ ପରମପୂଜ୍ୟ ସ୍ୱାମୀଜୀ ମହାରାଜଙ୍କ ସନ୍ନ୍ୟାସ ଦୀକ୍ଷାନ୍ତ ଦିବସ । ଏହି ଦିବସରେ ଆଜି ସମସ୍ତେ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ମହିଳା ପ୍ରଭାରୀ ନିତମ୍ପିନି ସ୍ୱାଇଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଶ୍ରୀ ରାମ ନବମୀ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ବି ଏସ ଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ବି ଏସ ଟି ମହାମନ୍ତ୍ରୀ ଆରତୀ ସାହୁ ଆଦି ପଦାଧିଧାରୀଙ୍କ ସହିତ ଜିଲ୍ଲା ମହିଳା ମହାମନ୍ତ୍ରୀ ରଞ୍ଜିତା ପାଣିଗ୍ରାହୀ, ଜିଲ୍ଲା ବି ଏସ ଟି ସହ ପ୍ରଭାରୀ ମାନସ ରଞ୍ଜନ ସାହୁ, ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ସମେତ ବହୁ ଉପସ୍ଥିତ ଥିଲେ ।

ବିଶ୍ୱ ନାଟ୍ୟଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୮/୩(ନି/ପ୍ର): ବିଶ୍ୱ ନାଟ୍ୟଦିବସ ଅବସରରେ ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସଂପର୍କ ଆୟୋଜିତ ଜାତୀୟ ନାଟକ ମହୋତ୍ସବ-୨୦୨୬ର ଉଦଯାପନ ଦିବସଟି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ସମାପନ ହୋଇଯାଇଛି । ସକାଳ ଆଠ ଘଟିକାରେ ଏକତ୍ର ରାଉରକେଲା ର ମିଳିତ ଆନୁକୂଲ୍ୟରେ ଶତାଧିକ ବୟସ୍କ ଓ ଯୁବକଳାକାରଙ୍କୁ ନେଇ ଏକ ରଙ୍ଗାରଙ୍ଗ ନାଟ୍ୟ ପଦଯାତ୍ରା ଆମ୍ବାଗାନ ଛକ ସ୍ଥିତ ଗୁଣ୍ଡିଚା ମାଉସୀମା ମନ୍ଦିର ରୁ ବାହାରି ସିଭିକ ସେଣ୍ଟର ଯାଏ ଆସିଥିଲା । ପରେ ଦିବା ଦଶ ଘଟିକାରେ ଓଡିଶା ସାହିତ୍ୟ ଏକାଡେମୀ ଓ ସଂପର୍କ ର ମିଳିତ ଆନୁକୂଲ୍ୟରେ 'ଶିକ୍ଷାନୁଷ୍ଠାନରେ ନାଟକ ' ଶିର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ର ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ମହାପ୍ରବନ୍ଧକ ଅଭୟ କୁମାର ଦାସ ଓ ଓଡିଶା ସଂଗୀତ ନାଟକ ଏକାଡ଼େମୀର ସଭ୍ୟ ଗୋପକୃଷ୍ଣ ନାୟକ ଯୋଗଦାନ କରିଥିଲେ । ପ୍ରଫେସର ଡ ସମର ମୁଦାଲି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଆଲୋଚନାଚକ୍ର ରେ ପ୍ରଥମେ ସଂପର୍କ ର ସଂପାଦକ ତଥା ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଶିକ୍ଷାନୁଷ୍ଠାନରେ ନାଟକ ର ଆବଶ୍ୟକତା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଡ ସଂଜୟ କୁମାର ହାତୀ, ଡ ସୁନୀତି ଦେବତା, ଅଧ୍ୟାପକ କରୁଣାକର ପାଙ୍ଗଶାଣୀ ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଆଲୋଚନାଚକ୍ର ର ପ୍ରାରମ୍ଭରେ ବିଭିନ୍ନ ସ୍କୁଲ କଲେଜରୁ ଆସିଥିବା ଛାତ୍ର ଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ନାଟକ ର ଆବଶ୍ୟକତା ଉପରେ ବହୁଧା ମତ ବ୍ୟକ୍ତ କରିଥିଲେ । ପରିଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଏକକ ଅଭିନୟ, ସଂପାନ ତଥା କୌତୁକ ପୋଷାକ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅପରାହ୍ନ ତିନି ଘଟିକାରେ ସଂପର୍କର ନୃତ୍ୟ ବିଭାଗ 'ଉପାସନା' ଦ୍ୱାରା ଉପାସନା ନୃତ୍ୟୋତ୍ସବ ଆୟୋଜିତ ହୋଇ ଥିଲା ଏହାକୁ ଉଦଘାଟନ କରିଥିଲେ ବିଶିଷ୍ଟ ସମାଜସେବୀ କମଲ ଅଗ୍ରୱାଲ , ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ମହାପ୍ରବନ୍ଧକ ନାରାୟଣ ପତି ।

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ଼,୨୮/୩(ନି/ପ୍ର):ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭାଗୀୟ କାର୍ଯ୍ୟକଳାପ ଗୁଡ଼ିକ ଉପରେ ସମୀକ୍ଷା ମଧ୍ୟ କରିଥିଲେ । ଅଧ୍ୟକ୍ଷା ଙ୍କ ଏହି ଗସ୍ତ ସମୟ ରେ ସାଙ୍ଗ ରେ ଉପସ୍ଥିତ ଥିଲେ ବରିଷ୍ଠ ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ ଓ ସଦସ୍ୟା କଳ୍ପନା ଲେଙ୍କା । ଏହି ପରିଦର୍ଶନରେ ସମୟରେ ଏକ ପୀଡ଼ିତା ପରିବାର ସହିତ ସାକ୍ଷାତ କରିଥିଲେ । ଏହାସହିତ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବା ସହିତ ଛତୁଆ ୟୁନିଟ୍ ର କାର୍ଯ୍ୟ ଗୁଡ଼ିକ ତଦାରଖ କରିଥିଲେ । ସେହିପରି ଦୁଇଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ମଧ୍ୟ ପରିଦର୍ଶନ କରି ପିଲାମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ଏବଂ ସେଠାରେ ଦିଆଯାଉଥିବା ଖାଦ୍ୟ ଗୁଡ଼ିକର ମନ ମଧ୍ୟ ପରୀକ୍ଷା କରିଥିଲେ । ସେହିଭଳି ଲହଣ୍ଡାବୁଡ଼ ବିଦ୍ୟାଳୟର ଅସୁସ୍ଥ ଥିବା ଛାତ୍ରଛାତ୍ରୀ ଖବର ପାଇ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ ଏବଂ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ମଧ୍ୟ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ପରେ ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଶିଶୁ ଅଧିକାର ଉପରେ ସମୀକ୍ଷା ବୈଠକ କରିବା ସହିତ ଆଗାମୀ ଦିନରେ କିପରି ପିଲାମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରି ସୁରକ୍ଷିତ ରଖିପାରିବା ତଥା ସମସ୍ତ ଶିଶୁ ଯେଭଳି ବିଦ୍ୟାଳୟକୁ ଯାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି କିଭଳି ଶିଶୁ ଭିକ୍ଷା ବୃତିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇ ପାରିବ ତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ବୈଠକ ରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ରାଉରକେଲା ପୂର୍ବତନ ସଦର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଶିଶୁ ମଙ୍ଗଳ କମିଟି ର ଅଧ୍ୟକ୍ଷା ସାମି ଓରାମ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଏଲ୍ ପି ଓ ଶ୍ରୀମତୀ ଗୀତାରାଣୀ ପଟେଲ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

ଉଦିତ ନଗର ପଡ଼ିଆରେ ଅଗ୍ନିଶମ ବାହିନୀର ମକ୍ ଡ୍ରିଲ୍

ଆଧୁନିକ ପ୍ରଯୁକ୍ତିରେ ଅଗ୍ନିନିର୍ବାପଣ ଓ ଉଦ୍ଧାର କୌଶଳର ପ୍ରଦର୍ଶନ

ରାଉରକେଲା, ୨୮/୩(ନି/ପ୍ର): ଅଗ୍ନିକାଣ୍ଡ ଭଳି ଜରୁରୀ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ରାଉରକେଲା ଅଗ୍ନିଶମ ବାହିନୀ ପକ୍ଷରୁ ଉଦିତ ନଗର ପଡ଼ିଆ ଠାରେ ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ବାସିନ୍ଦା ତଥା ରାଉରକେଲା ମହାନଗର ନିଗମର ଉପରିସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଭଳି ପାରମ୍ପରିକ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଉପାୟରେ ନିଆଁ ନିୟନ୍ତ୍ରଣ କରାଯାଇପାରିବ ଅଗ୍ନିଶମ ବାହିନୀର ଯବାନମାନେ ତାହାର କଳା କୌଶଳ ପ୍ରଦର୍ଶନ କରିଥିଲେ । ଅଗ୍ନିକାଣ୍ଡ ସମୟରେ କିପରି ଜଣେ ବ୍ୟକ୍ତିକୁ ସଫଳତାର ସହ ଉଦ୍ଧାର କରାଯାଇ ପାରିବ, ମୋଟର ଫାୟାର ଇଞ୍ଜିନ୍ ସହ ପାରମ୍ପରିକ ହୋସ୍ ଓ ମନିଟର ବ୍ୟବହାର କରି କିପରି ନିଆଁ ନିର୍ବାପନ କରାଯାଇ ପାରିବ ତାହା ପ୍ରଦର୍ଶିତ ହୋଇଥିଲା । ବିପଦଜ୍ଜନକ ତଥା ବ୍ଲାଷ୍ଟିଙ୍ଗ ସାମଗ୍ରୀ ଥିବା ସ୍ଥାନ ଗୁଡିକରେ ସ୍ୱତନ୍ତ୍ର ରୋବଟିକ ମନିଟରର ବ୍ୟବହାର ଦ୍ୱାରା ଅତ୍ୟାଧୁନିକ ପଦ୍ଧତିରେ କିଭଳି ନିଆଁକୁ ଆୟତ୍ତ କରାଯାଇ ପାରିବ ତାହା ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଅଏଲ ଫାୟାରକୁ କିଭଳି ମିଷ୍ଟ ଟେକ୍ନୋଲୋଜି ଦ୍ୱାରା ଲିଭା ଯାଇ ପାରିବ ତାହା ସହ କୌଣସି ବିପର୍ଯ୍ୟୟ ସମୟରେ ହାଇଡ୍ରୋଲିକ୍ସ ପାୱାର ପ୍ୟାକ୍ ବ୍ୟବହାର କରି କିଭଳି ଲୋକଙ୍କୁ ଉଦ୍ଧାର କରାଯାଇପାରିବ ତାହାର ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଶ୍ରୀମତୀ ଅନୀତା ନାଏକ, ଉପ ପୌରାୟୁକ୍ତ ଶ୍ରୀଯୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଡେପୁଟି ଫାୟାର ଅଫିସର ଶ୍ରୀଯୁକ୍ତ ଉମାକାନ୍ତ ନାୟକ, ଆସିଷ୍ଟାଂଟ ଫାୟାର ଅଫିସର ସଂଗ୍ରାମ ହାଁସଦା, ଆସିଷ୍ଟାଂଟ ଷ୍ଟେସନ ଅଫିସର ପ୍ରଦୀପ କୁମାର ନାୟକ, ପ୍ରମୁଖ ଅଗ୍ନିଶମ କର୍ମଚାରୀ କ୍ଷେତ୍ରବାସୀ ପ୍ରଧାନ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ୧୫ତମ 'ଇଡି-ଓ୍ୱର୍କ୍ସ, କୌଶଳ ଉତ୍କର୍ଷ ପୁରସ୍କାର' ବଟଂନ ସମାରୋହ

ରାଉରକେଲା,୨୮/୩ (ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଗୋପବନ୍ଧୁ ପ୍ରେକ୍ଷାଳୟରେ ମାର୍ଚ୍ଚ ୨୭ ତାରିଖ ଦିନ ୧୫ତମ "ଇଡି-ଓ୍ୱର୍କ୍ସ, କୌଶଳ ଉତ୍କର୍ଷ ପୁରସ୍କାର' ପୁରସ୍କାର ବଟଂନ ସମାରୋହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି.ଆର. ପଲାଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାଇ, କୌଶଳ ବିକାଶ କିପରି ଉନ୍ନତ ଜ୍ଞାନ ଏବଂ ଦକ୍ଷତା ନିର୍ମାଣର ଏକ ପ୍ରକ୍ରିୟା ରୂପେ ବ୍ୟକ୍ତିଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସାହାଯ୍ୟ କରେ ସେ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସମ୍ପ୍ରତି ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ କୌଶଳ ବୃଦ୍ଧି ଅତ୍ୟାବଶ୍ୟକ ଯାହା କେବଳ ବ୍ୟକ୍ତି ନୁହେଁ ବରଂ ସଂଗଠନଗୁଡ଼ିକୁ ମଧ୍ୟ ଲାଭ ପହଂଚାଏ ବୋଲି ସେ, ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପ୍ରତିଯୋଗୀତା ପାଇଁ ଶୁଭକାମନା ଜଣାଇଥିଲେ । ପ୍ରାରମ୍ଭରେ, ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ ଶ୍ରୀ ପି କେ ସାହୁ ସମାବେଶକୁ ସ୍ୱାଗତ କରିବା ସହ ବିଗତ ବର୍ଷଗୁଡ଼ିକରେ ଉକ୍ତ ପ୍ରତିଯୋଗିତାର ଯାତ୍ରା ଉଲ୍ଲେଖ କରିଥିଲେ । ପରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ ଶ୍ରୀ ଏଚ୍. ପତି ପ୍ରତିଯୋଗିତାର ଏକ ସଂକ୍ଷିପ୍ତ ଇତିହାସ ଏବଂ ଆଭିମୁଖ୍ୟ ସହ ଏହାର ଭବିଷ୍ୟତ ରୂପରେଖ ବର୍ଣ୍ଣନା କରିଥିଲେ । ଉଲ୍ଲେଖନୀୟ ଯେ, ଆରଏସପି ଓ ଓଡିଶା ଖଣି ସମୂହରୁ ମୋଟ ୧୪୮ ଜଣ ପ୍ରତିଯୋଗୀ ୮ଟି ଭିନ୍ନ ଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲାବେଳେ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ୩ଟି ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କୌଶଳ ଉତ୍କର୍ଷ ପ୍ରତିଯୋଗିତାରେ ବିଜେତା ଆଗାମୀ ସମୟରେ ସିଆଇଆଇ ଦ୍ୱାରା କୋଲକାତା ଠାରେ ଆୟୋଜନ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହେବେ । ସେହିପରି ଆଂଚଳିକ ରାଉଣ୍ଡର ବିଜେତାମାନେ ପରବର୍ତ୍ତୀ ସମୟରେ ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ । ସୂଚନା ଯୋଗ୍ୟ ଯେ, ପ୍ରତିଯୋଗିତା ସମୟରେ ମୂଲ୍ୟାଙ୍କିତ ହୋଇଥିବା କୌଶଳ ମଧ୍ୟରେ ରହିଛି ହାଇଡ୍ରୋଲିକ୍ସ, ଟର୍ନର, ଫିଟର, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ ମେକାନିକ୍, ଇନ୍ସ୍ଟ୍ରୁମେନଟ୍ରେଶନ ମେକାନିକ୍ ଏବଂ କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଂ । ଏହି ପୁରସ୍କାର ସମାରୋହକୁ ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଏଲ କେ ମାରାଣ୍ଡି ସଂଯୋଜନା କରିଥିଲାବେଳେ ବିଭାଗର ଜିଏମ ଶ୍ରୀ ଏମ କେ ଅଗରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କାରଖାନାର ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟଙ୍କ ସହ ବହୁସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ ।